## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ସ୍ୱତନ୍ତ୍ର କର୍ପୋରେଶନ ବୈଠକ। ସ୍ଥାନ- ବିଏମସି କାର୍ଯ୍ୟାଳୟ। ସମୟ- ପୂର୍ବାହ୍ନ ୧୧ଟା ୩୦।

**ଭଞ୍ଜନଗର**

- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଶ୍ରାଦ୍ଧ ଦିବସ। ସ୍ଥାନ-ବନ ବିଭାଗ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୦ ଟା।

## ସଂକ୍ଷେପରେ

### ଘରେ ପଶି ମୋବାଇଲ ଫୋନ ଝାମ୍ପିନେଲେ

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ନିମଖଣ୍ଡି ଥାନା ଅନ୍ତର୍ଗତ ବାପୁଜୀ ନଗରରେ ଜଣେ ଦୁର୍ବୃତ୍ତ ପାଣି ପିଇବା ବାହାନାରେ ଜଣଙ୍କ ଘରେ ପଶି ମହିଳାଙ୍କୁ ଆକ୍ରମଣ କରିବା ସହ ଶିଶୁପୁତ୍ର ହାତରୁ ମୋବାଇଲ ଫୋନ ଝାମ୍ପି ନେଇଛନ୍ତି। ଏ ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଚଳାଇଛି। ବାପୁଜୀନଗର ୫ମ ଲାଇନରେ ଜିତେନ୍ଦ୍ର ନାହାକ ତାଙ୍କ ପରିବାର ସହ ରୁହନ୍ତି। ଗତ ୧ତାରିଖରେ ଜିତେନ୍ଦ୍ର କୌଣସି କାମରେ ବାହାରକୁ ଯାଇଥିବା ବେଳେ ସନ୍ଧ୍ୟାରେ ଜଣେ ଯୁବକ ତାଙ୍କ ଘର ନିକଟକୁ ଆସି ପାଣି ପିଇବାକୁ ମାଗିଥିଲେ। ଜିତେନ୍ଦ୍ରଙ୍କ ସ୍ତ୍ରୀ ରିଙ୍କି ପାଣି ଧରି ଆସିବା ବେଳେ ଲୁଟେରା ଜଣଙ୍କ ତାଙ୍କୁ ଆକ୍ରମଣ କରି ଘରେ ପଶିଯାଇ ରିଙ୍କିଙ୍କ ପୁଅ ହାତରୁ ମୋବାଇଲ ଫୋନ ଝାମ୍ପି ନେଇଥିଲେ। ରିଙ୍କି ବାହାରକୁ ଆସି ଚିତ୍କାର କରିଥିଲେ ମଧ୍ୟ ଲୁଟେରା ବାଇକରେ ସେଠାରୁ ଖସି ପଳାଇଥିଲେ। ପୋଲିସ କେତେଜଣ ପେଷାଦାର ଲୁଟେରାଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ନଂ.୨୪୮/୨୩ରେ ମାମଲା ରୁଜୁ ହୋଇଛି।

### ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ଗୋପାଳପୁର,୩।୮ (ନବୀନ ରାଜ ଆଚାରୀ)

ଜୁନ ମାସରେ ଏକ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିବା ସମୟରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଇଚ୍ଛାପୁର ଥାନା ଅଧିନସ୍ଥ ପୁସ୍ତପୁର ଗ୍ରାମର ପି. ଜାନକୀ ରାମ। ପୋଲିସ ତାଙ୍କ ଗ୍ରାମରେ ଚଢ଼ାଉ କରି ଗିରଫ କରିବା ସହ ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ଗୋଳନ୍ଥରା ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୂଚନା ଅନୁସାରେ, ଏହି ଥାନା ଅଧୀନସ୍ଥ ଝାଟିପଦର ଗ୍ରାମ ନିକଟରେ ଥିବା ଜଙ୍ଗଲରେ ଜୁଆ ଆଡ୍ଡା ଚାଲିଥିଲା ବେଳେ ଜୁନ ୫ ତାରିଖରେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ପୋଲିସ କର୍ମଚାରୀ ଚଢ଼ାଉ କରିଥିଲେ। ୩ରୁ ୪ଜଣ ଜୁଆଡ଼ି ପୋଲିସକୁ ଗାଳି ଗୁଲଜ, କାର୍ଯ୍ୟରେ ବାଧା ଦେବା ସହ କନଷ୍ଟେବଲ ସଂଜୀବ ଭୂୟାଁ ଓ ସୁନୀଲ ନାୟକଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲା ବେଳେ ୩ ଜଣଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କ ଠାରୁ ୧ ଲକ୍ଷ ୪୪ ହଜାର ୫ ଶହ ୭୦ ଟଙ୍କା ଓ ତାସ ପକେଟ ସାମଗ୍ରୀ ଓ ୪ଟି ବାଇକ ଜବତ କରିଥିଲା। ଏ ନେଇ ଥାନା କେଶ ୨୬୦/୨୩ ପ୍ରକାରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି।

### ପାହାଡ଼ରୁ ବାଇକ ଜବତ

ଚିକିଟି,୩।୮ (ପ୍ରକାଶଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଲାଲମେଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିରସିଂହପୁର ଗ୍ରାମ ନିକଟରେ ଥିବା ପାହାଡ଼ ଉପରୁ ଏକ ବାଇକକୁ ଗୁରୁବାର ଅପରାହ୍ନରେ ନୂଆପଡ଼ା ଫାଣ୍ଡି ପୋଲିସ ଉଦ୍ଧାର କରିଥିବା ଜଣାପଡ଼ିଛି। ଚାନ୍ଦପୁର ପଞ୍ଚାୟତ ଡ଼ଭାର ଗ୍ରାମର ବାଇଲଡୁ ସେଠୀଙ୍କ ଏକ ବାଇକ (ଓଡି୦୭-୯୬୫୯) ନିଜ ବାରଣ୍ଡାରେ ରଖି ଶୋଇଥିବା ବେଳେ କେହି ଦୁର୍ବୃତ୍ତ ବାଇକଟିକୁ ଚୋରି କରି ନେଇଯାଇଥିଲେ। ଏନେଇ ବାଇଲଡୁ ନୂଆପଡା ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ଖୋଜାଖୋଜି କରୁଥିବା ବେଳେ ପାହାଡ଼ ଉପରେ ବାଇକଟି ଥିବା ଖବର ପାଇ ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଶାହାଣି ପହଞ୍ଚି ବାଇକଟିକୁ ଜବତ କରିଛନ୍ତି।

# ନକଲି ମଦ କାରବାର, ଗଞ୍ଜେଇ ଚାଲାଣ ରୋକିବାକୁ ଗୁରୁତ୍ୱ



ବୈଠକରେ ଉପସ୍ଥିତ କମିଶନର ଓ ଅଧିକାରୀମାନେ।

## ବ୍ରହ୍ମପୁରରେ ରାଜ୍ୟ ଅବକାରୀ କମିଶନରଙ୍କ ସମୀକ୍ଷା

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ରାଜ୍ୟ ଅବକାରୀ କମିଶନର ନରସିଂହ ଭୋଳ ଗୁରୁବାର ଦିନିକିଆ ବ୍ରହ୍ମପୁର ଗସ୍ତରେ ଆସିଥିଲେ। ସ୍ୱତନ୍ତ୍ର ସର୍କିଟ ହାଉସରେ ସେ ଦକ୍ଷିଣାଞ୍ଚଳ ଅବକାରୀ ଜିଲାଗୁଡିକର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଗଞ୍ଜାମ, ବ୍ରହ୍ମପୁର, ଗଜପତି, ରାୟଗଡା, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ମାଲକାନଗିରି ଜିଲାର ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ନକଲି ମଦ କାରଖାନା ଠାବ କରିବା ଓ ଗଞ୍ଜେଇ ଚାଲାଣ ରୋକିବାକୁ କମିଶନର ଗୁରୁତ୍ୱ ଦେଇଥିଲେ। ସେ ଆହୁରି କହିଥିଲେ ବ୍ରାଉନ ସୁଗାର ବ୍ୟବସାୟ ଉପରେ କଡା ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ। ଗତ ୫ବର୍ଷ ମଧ୍ୟରେ ବିଭାଗର ମାନବ ସମ୍ବଳ ବୃଦ୍ଧି ପାଇଛି। କର୍ମଚାରୀ ସଂଖ୍ୟା ୧୭୦୦ରୁ ୨୭୦୦କୁ ବୃଦ୍ଧି ପାଇଛି। ଅବକାରୀ ଷ୍ଟେଶନ ମଧ୍ୟ ୧୬୦ରୁ ୨୦୧କୁ ବୃଦ୍ଧି ପାଇଛି। ଭିତ୍ତିଭୂମି ସୁଦୃଢ ରହିଛି। ସେ ଅନୁସାରେ ପ୍ରଦର୍ଶନ ବି ଭଲ ରହିଥିବା କମିଶନର ଭୋଳ କହିଛନ୍ତି। ୬୦୦ କନଷ୍ଟେବଲ ପଦବୀ ଖାଲି ରହିଛି, ଖୁବଶୀଘ୍ର ତାହା ପୂରଣ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ୧୮୪ଟି ଗଞ୍ଜେଇ ମାମଲା ରୁଜୁ କରି ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ଚଳିତବର୍ଷ ଏ ପର୍ଯ୍ୟନ୍ତ ୩ ମାସ ଭିତରେ ୧୫୯ ମାମଲା ରୁଜୁ ହୋଇଛି। ଅବକାରୀ ବିଭାଗ କର୍ମଚାରୀଙ୍କୁ ଇନ ହାଉସରେ ଖୁବଶୀଘ୍ର ତାଲିମ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି କମିଶନର କହିଛନ୍ତି। ଅନ୍ୟପକ୍ଷରେ ଅବକାରୀ କର୍ମଚାରୀଙ୍କ ଉପରେ ଯେଉଁ ଆକ୍ରମଣ ହେଉଛି ତାହା ରୋକିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଥିପାଇଁ କର୍ମଚାରୀଙ୍କୁ ଆବଶ୍ୟକୀୟ ତାଲିମ ଦିଆଯାଉଛି। ଅବକାରୀ ଅଧିକାରୀମାନେ ପୋଲିସ ସହିତ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ ବୋଲି କମିଶନର ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଅବକାରୀ ଡେପୁଟି କମିଶନର ଉମ୍ମରଧର ଖଣ୍ଡା ଓ ଅନ୍ୟାନ୍ୟ ଅବକାରୀ ଅଧିକାରୀମାନେ ଯୋଗ ଦେଇଥିଲେ।

# ଗୋପାଳପୁର କଲେଜରେ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ

ବ୍ରହ୍ମପୁର, ୩।୮ (ତନୁଶ୍ରୀ ନାହାକ)




ସ୍ୱାଗତ ଉତ୍ସବରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପକ ବୃନ୍ଦ।

ଗୋପାଳପୁର ମହାବିଦ୍ୟାଳୟରେ ଚଳିତବର୍ଷ ନୂତନ ଭାବେ ନାମ ଲେଖାଇଥିବା ଯୁକ୍ତ ୨ ବିଜ୍ଞାନ, କଳା ଓ ବାଣିଜ୍ୟ ଛାତ୍ରୀଛାତ୍ରମାନଙ୍କୁ ନିମନ୍ତେ ସ୍ୱାଗତ ଉତ୍ସବ ପାଳନ କରାଯାଇଛି। ଏଥିରେ ମହାବିଦ୍ୟାଳୟ ଆଇକ୍ୟୁଏସି ସେଲର ଡ଼. ପୁରୁଷୋତ୍ତମ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ରାମପ୍ରସାଦ ପଣ୍ଡା ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ କଲେଜର ନୀତିନିୟମ ବିଷୟରେ କହିଥିଲେ। ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଥିବା ସୁବିଧା ସହଯୋଗ, ଆଣ୍ଟି ର୍ୟାଗିଂ ସେଲ, ଆଇକ୍ୟୁଏସି ସେଲ, ପାଠାଗାର ଆଦି ବିଷୟରେ ଅବଗତ କରାଯାଇଥିଲା। ଅଧ୍ୟକ୍ଷ ଛାତ୍ରୀଛାତ୍ରମାନେ ନିୟମିତ ଶ୍ରେଣୀରେ ଉପସ୍ଥିତ ରହି ପାଠପଢ଼ିବା ସହ ନୈତିକ ମୂଲ୍ୟବୋଧ ଶିକ୍ଷା କରିବା ନିମନ୍ତେ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନସିକ ଅଧିକାରୀ ଲକ୍ଷ୍ମଣ ପାଳ, ଡ଼.ମନୋଜ ପଟ୍ଟନାୟକ, ଇଂରାଜୀ ବିଭାଗ ମୁଖ୍ୟ ଗିରୀଶ ଚନ୍ଦ୍ର ବେହେରା, ରାଜନୀତି ବିଜ୍ଞାନ ବିଭାଗର ଡ଼.ରାମଚନ୍ଦ୍ର ଜେନାଙ୍କ ସମେତ ବହୁ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ରହିଥିଲେ।

# ବ୍ରହ୍ମପୁରରେ ନନ୍ ଜୁଡିସିଆଲ ଷ୍ଟାମ୍ପ୍ ଅଭାବ

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢୀ)

ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟକୁ ପ୍ରତିଦିନ ଶତାଧିକ ଲୋକ ଆଫିଡେଭିଟ ପାଇଁ ଆସିଥାନ୍ତି। ହେଲେ ବ୍ରହ୍ମପୁର ସହରରେ ଏବେ ୧୦ଟଙ୍କିଆ ଷ୍ଟାମ୍ପ୍ (ନନ୍ ଜୁଡିସିଆଲ୍)ର ଅଭାବ ଦେଖାଦେଇଛି। ଫଳରେ ବିଭିନ୍ନ କାମରେ ଆଫିଡେଭିଟ୍ କରିବା ପାଇଁ କୋର୍ଟକୁ ଯାଉଥିବା ଲୋକେ ହଇରାଣ ହେଉଛନ୍ତି। ଆବଶ୍ୟକ ପରିମାଣ ଷ୍ଟାମ୍ପ୍ ଆସୁ ନ ଥିବାରୁ ଏଭଳି ସମସ୍ୟା ଦେଖା ଦେଇଥିବା କେତେଜଣ ଆଇନଜୀବୀ କହିଛନ୍ତି। ଘରଭଡ଼ା ଏଗ୍ରିମେଣ୍ଟ, କଲେଜ ଗୁଡ଼ିକରେ ନାମଲେଖା ସମୟରେ ସତ୍ୟପାଠ ଦାଖଲ, ଇନସ୍ୟୁରାନ୍ସ ଆଦି ବିଭିନ୍ନ କାମରେ ଆଫିଡେଭିଟ୍ ଆବଶ୍ୟକ ପଡ଼ିଥାଏ। ପ୍ରତିଦିନ ଏଭଳି ବିଭିନ୍ନ କାମ ପାଇଁ ୪ଶହରୁ ୫ଶହ ଆଫିଡେଭିଟ୍ ହୋଇଥାଏ। କିନ୍ତୁ ଆବଶ୍ୟକତା ଅନୁସାରେ ଷ୍ଟାମ୍ପ୍ ନ ଥିବାରୁ ଅସୁବିଧା ଦେଖାଦେଉଛି। ବ୍ରହ୍ମପୁରରେ ପୂର୍ବରୁ ଷ୍ଟାମ୍ପ୍ ଭେଣ୍ଡରମାନଙ୍କୁ ସପ୍ତାହକୁ ୫୦ଟି ଲେଖାଏ ଷ୍ଟାମ୍ପ୍ ଦିଆଯାଉଥିଲା। ହେଲେ ଟ୍ରେଜେରୀକୁ କମ୍ ପରିମାଣ ଷ୍ଟାମ୍ପ୍ ଆସୁଥିବାରୁ ଏବେ ୩୦ଟି ଲେଖାଏ ଦିଆଯାଉଛି। ଯାହାକି ଆବଶ୍ୟକତା ମେଣ୍ଟାଇ ପାରୁନାହିଁ। ବର୍ତ୍ତମାନ ବିଭିନ୍ନ କଲେଜରେ ନାମଲେଖା ପ୍ରକ୍ରିୟା ଚାଲିଥିବା ବେଳେ ଆବେଦନକାରୀ ନିଜ ନାମରେ କୌଣସି ଅପରାଧ ମାମଲା ନ ଥିବା ସମ୍ପର୍କରେ ଓ କଲେଜରେ ର୍ୟାଗିଂ ନ କରିବା ପାଇଁ ଆଫିଡେଭିଟ୍ ଦାଖଲ କରୁଛନ୍ତି। ଠିକ୍ ସମୟରେ ଷ୍ଟାମ୍ପ୍ ମିଳୁ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ସରକାର ପର୍ଯ୍ୟାପ୍ତ ପରିମାଣ ଷ୍ଟାମ୍ପ୍ ଯୋଗାଇବାକୁ ଗଞ୍ଜାମ ଓକିଲ ସଂଘର ପୂର୍ବତନ ଯୁଗ୍ମ ସମ୍ପାଦକ କରୁଣାକର ପାଣିଗ୍ରାହୀଙ୍କ ସମେତ ଆଇନଜୀବୀମାନେ ଦାବି କରିଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା, ଫେରାର ସ୍ୱାମୀ ଗିରଫ

ଜଗନ୍ନାଥପ୍ରସାଦ, ୩।୮ (ବିଷ୍ଣୁ ପ୍ରସାଦ ପଟ୍ଟନାୟକ)

ସ୍ୱାମୀଙ୍କ ପରକ୍ରିୟା ପ୍ରୀତିକୁ ବିରୋଧ କରୁଥିବା ସ୍ତ୍ରୀଙ୍କ ବେକ ଓ ହାତ କାଟିଫେରାର ଥିବା ସ୍ୱାମୀଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ମଙ୍ଗରାଜପୁର ମକରାପଲ୍ଲୀ ଗ୍ରାମର ରବୀନ୍ଦ୍ର ନାଇକ । ପ୍ରକାଶ ଯେ, ରବୀନ୍ଦ୍ର ନାଇକ ଖାଡ଼ସାହିର ମାମିନି ନାଇକଙ୍କୁ ୧୧ ବର୍ଷ ପୂର୍ବେ ବିବାହ କରି ଭୁବନେଶ୍ୱରରେ ରହୁଥିଲେ । ସେମାନଙ୍କର ଆଠ ବର୍ଷର ଝିଅ ଓ ଛଅ ବର୍ଷର ପୁଅ ଅଛନ୍ତି । ତେବେ ସେଠାରେ ସ୍ୱାମୀ ରବୀନ୍ଦ୍ର ଅନ୍ୟଜଣେ ମହିଳାଙ୍କ ସହିତ ସମ୍ପର୍କ ରଖିଥିବା ସନ୍ଦେହରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା । ତେଣୁ ସ୍ତ୍ରୀଙ୍କୁ ନିଜ ରାସ୍ତାରୁ ହଟାଇବା ପାଇଁ ଯୋଜନା କରି ଜୁନ ୧ ତାରିଖରେ ଗାଁକୁ ଯିବା କହି ବସ୍ ଯୋଗେ ଆସି ଜିରାବାଡି ଛକରେ ଓହ୍ଲାଇ ସାଇକେଲରେ ଗାଁକୁ ଯାଉଥିଲେ। ପାଣ୍ଡିଆମା ନଦୀ ଉପରେ ଓହ୍ଲାଇ ବ୍ରିଜ ତଳକୁ ଡାକିନେଇ ଏକ ଛୁରିରେ ବେକ ଓ ହାତକୁ କାଟିଦେଇ ରବୀନ୍ଦ୍ର ଫେରାର ହୋଇଯାଇଥିଲା । ପ୍ରାୟ ରାତି ୪ଟା ବେଳେ ମାମିନିଙ୍କ ଚେତା ଫେରିବା ପରେ ଘୁଷୁରି ଘୁଷୁରି ବ୍ରିଜ ଉପରକୁ ଉଠି ଚିତ୍କାର କରିଥିଲେ। ପାଟ୍ରୋଲିଂ କରୁଥିବା ପୋଲିସ ତାଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ମହିଳାଙ୍କ ତଣ୍ଟିରୁ ପ୍ରବଳ ରକ୍ତସ୍ରାବ ହେତୁ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଚିକିଟି ଏନଏସିକୁ ସବୁଜ ସୁନ୍ଦର କରିବାକୁ ନିଷ୍ପତ୍ତି

ଚିକିଟି,୩।୮ (ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବିଜ୍ଞାପିତ ଅଞ୍ଚଳକୁ ସବୁଜ ସୁନ୍ଦର ଭାବେ ଗଢି ତୋଳିବାକୁ ରାଜ୍ୟ ସରକାରଙ୍କ ସହରାଞ୍ଚଳ ଯୋଜନା ଓ ଉନ୍ନୟନ ସମିତି ୨୦୨୧ ଅନୁଯାୟୀ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଚିକିଟି ଏନଏସି ସମ୍ମିଳନୀ କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏନଏସି ଚେୟାରମ୍ୟାନ ଦୀପା କୁମାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚିକିଟି ବିଜ୍ଞାପିତ ନିର୍ବାହୀ ଅଧିକାରୀ କୁଳଦୀପ କୁମାର, ତହସିଲଦାର ବିଶ୍ୱରଞ୍ଜନ କହଁର, ବିଡ଼ିଓ ହଳଧର ଶବରଙ୍କ ସମେତ ସମସ୍ତ କାଉସିଲର ଉପସ୍ଥିତ ଥିଲେ।

# କ୍ରାନ୍ତି ଦିବସରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ଆନ୍ଦୋଳନ ସଫଳ କରିବାକୁ ଆହ୍ୱାନ

ବ୍ରହ୍ମପୁର,୩।୮ (ସ୍ମୃତିରଞ୍ଜନ ମହାଲିକ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ ଦେଶ ବିରୋଧୀ ନୀତି ବିରୋଧରେ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଭୁବନେଶ୍ୱରରେ ହେବାକୁ ଥିବା ଏହି ସମାବେଶରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ହିନ୍ଦ୍ ମଜଦୁର ସଭା ସହବନ୍ଧିତ ସଂଗଠନଗୁଡ଼ିକୁ ହିନ୍ଦ ମଜଦୁର ସଭା ରାଜ୍ୟ ଉପସଭାପତି ରବିରଥ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ୨୦୧୪ରୁ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ ସରକାର ଗଢ଼ାହେବା ଠାରୁ ଦେଶର ସବୁସ୍ତରର ଜନସାଧାରଣଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

ପୂର୍ବରୁ ରହିଥିବା ଶ୍ରମିକ ଶ୍ରମ ଆଇନକୁ ଉଚ୍ଛେଦ କରାଯିବା ସହ କର୍ପୋରେଟ ସଂସ୍ଥା ଓ ମାଲିକଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ଶ୍ରମିକ କର୍ମଚାରୀଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି। କେନ୍ଦ୍ର ସରକାର ସମସ୍ତ ରାଷ୍ଟ୍ରୀୟ ସଂସ୍ଥାର ଘରୋଇକରଣ କରି ଚାଲିଛନ୍ତି। ଲୁହା, ଇସ୍ପାତ, କୋଇଲା, ଅନ୍ୟାନ୍ୟ ଖଣିଜଦ୍ରବ୍ୟ, ରେଳବାଇ, ଜଳପଥ, ସ୍ଥଳପଥ, ଆକାଶପଥ, ପରିବହନ, ବିମାନ ବନ୍ଦର, ବ୍ୟାଙ୍କ ବୀମା ଭଳି ଆର୍ଥିକ କ୍ଷେତ୍ର ପେଟ୍ରୋଲିୟମ, ଗ୍ୟାସ, ବିଦ୍ୟୁତ ଶକ୍ତି ଭଳି କ୍ଷେତ୍ର, ଡ଼ାକ, ତାର, ଇଲୋକ୍ଟ୍ରୋନିକ୍ସ ଶିଳ୍ପର ଘରୋଇକରଣ ଚାଲିଛି। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ସମେତ ସମସ୍ତ ସରକାରୀ ବିଭାଗରେ ମଧ୍ୟ ଘରୋଇକରଣ ହେଉଛି। ଏହା ବିରୋଧରେ ଦେଶବାସୀ ତଥା ଶ୍ରମିକମାନେ ସଂଗଠିତ ନ ହେଲେ ଆଗକୁ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ତେଣୁ ରାଜଧାନୀ ସମାବେଶକୁ ସଫଳ କରିବା ପାଇଁ ଉପସଭାପତି ରଥ ରାଜ୍ୟର ସମସ୍ତ ଶ୍ରମିକ ସଂଗଠନଗୁଡ଼ିକୁ ଆହ୍ୱାନ ଦେଇଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ରଞ୍ଜିତା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

ବ୍ରହ୍ମପୁର,୩।୮ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ନିମଖଣ୍ଡି ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଗୁରୁଣ୍ଟି ଗ୍ରାମର ମିଥୁନ ଦାସ(୩୦)। ତାଙ୍କଠାରୁ ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରାଯାଇଛି। ମିଥୁନ ବିଭିନ୍ନ କାରଣକୁ କେନ୍ଦ୍ରକରି ଅହଲ୍ୟାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଗତ ୧ତାରିଖ ସନ୍ଧ୍ୟାରେ ମିଥୁନ ଘରକୁ ଫେରି ସ୍ତ୍ରୀଙ୍କ ସହ ଝଗଡା କରିଥିଲେ। ପଡିଶା ଘରେ ରହୁଥିବା ଦାଦା ଗୋବିନ୍ଦ ଦାସ ଏଭଳି ଝଗଡା କାହିଁକି କରୁଛ ବୋଲି ମିଥୁନଙ୍କୁ ପଚାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସେ ଘରେ ଥିବା ଏକ କାତିରେ ପିଟିଦେବାରୁ ଦାଦାଙ୍କ ମୁଣ୍ଡ ଫାଟିଯାଇଥିଲା। ଅହଲ୍ୟା ବାରଣ କରିବାରୁ ମିଥୁନ ଉକ୍ତ କାତିକୁ ତାଙ୍କ ବେକରେ ରଖି ହତ୍ୟା ଉଦ୍ୟମ କରିବା ସହ କାମୁଡି ଦେଇଥିଲେ। ରକ୍ତାକ୍ତ ଅବସ୍ଥାରେ ସେଠାରୁ ଅହଲ୍ୟା କୌଶଳକ୍ରମେ ଖସି ଆସି ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମିଥୁନଙ୍କୁ ଗୁରୁବାର ଗିରଫ କରିଥିଲା। ମାମଲା ନଂ. ୨୪୯/୨୩ ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଟିପିଏସଓଡିଏଲର ଏପିଏସ୍‌ସିସି ଉଦ୍‌ଘାଟିତ


ସ୍କାଡା ଭିତ୍ତିକ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ କେନ୍ଦ୍ର ଉଦ୍‌ଘାଟନ କରାଯାଉଛି।

ବ୍ରହ୍ମପୁର,୩।୮ (ସ୍ମୃତିରଞ୍ଜନ ମହାଲିକ)

ଟିପିଏସଓଡିଏଲ ପରିଚାଳନା ଉତ୍କର୍ଷ ପ୍ରତି ଆଉ ଏକ ପଦକ୍ଷେପ ଗ୍ରହଣ କରି ଫୁଲବାଣୀରେ ସ୍କାଡାଭିତ୍ତିକ ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ତଥା ଅଞ୍ଚଳ ବିଦ୍ୟୁତ ବ୍ୟବସ୍ଥା ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରରେ ଉନ୍ନତ ପ୍ରଯୁକ୍ତିର ବ୍ୟବସ୍ଥା ରହିଛି। ଯାହା ୩୩/୧୧ କେଭି ବିଦ୍ୟୁତ ସବଷ୍ଟେଶନ ରିମୋଟ ପରିଚାଳନା ଓ ନିରୀକ୍ଷଣକୁ ସକ୍ଷମ କରିବ। ବିଦ୍ୟୁତ ନେଟୱାର୍କ ପରିଚାଳନାରେ ଉନ୍ନତି ଆଣିବା ଓ ବିଦ୍ୟୁତ ବିଭ୍ରାଟ ସମୟରେ ତ୍ୱରିତ ସମାଧାନ କରିବା ଏହି କେନ୍ଦ୍ର ସ୍ଥାପନ ହୋଇଛି। ବିଦ୍ୟୁତ ସ୍ଥିତି ଉପରେ ବାସ୍ତବ ସମୟ ପ୍ରଦାନ କରିବାରେ ଏପିଏସସିସିର କ୍ଷମତା ରହିଛି। ଯାହାଦ୍ୱାରା ଠିକ ସମୟରେ କେନ୍ଦ୍ରୀୟ କଲ ସେଣ୍ଟରକୁ ଶୀଘ୍ର ସୂଚନା ଦିଆଯାଇପାରିବ। ଗ୍ରାହକମାନେ ଭଲ ଭାବେ ସୂଚନା ପାଇବାକୁ ସୁନିଶ୍ଚିତ କରାଯାଇପାରିବ। ସ୍କାଡା ବ୍ୟବସ୍ଥାକୁ ବ୍ୟବହାର କରି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଟିମ ତୁରନ୍ତ ଅଞ୍ଚଳର ବିଦ୍ୟୁତ ଯୋଗାଣକୁ ସ୍ୱାଭାବିକ କରିପାରିବେ। ଏହି କେନ୍ଦ୍ରର ନିରବଚ୍ଛିନ୍ନ ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ୮ ଜଣ ଇଞ୍ଜିନିୟରଙ୍କୁ ନିୟୋଜିତ କରାଯାଇଛି। ସେମାନେ ସିଫ୍ଟ ଆଧାରରେ କାର୍ଯ୍ୟ କରିବେ। ସ୍କାଡା ଜରିଆରେ ଗ୍ରିଡ ଷ୍ଟେସନ, ଏରିଆ ଫିଲ୍ଡ ଅଫିସର ଓ ପରିଚାଳନା ସହ ୨୪ ଘଣ୍ଟା ସମନ୍ୱୟ ରକ୍ଷା କରିହେବ। ଟିପିଏସଓଡିଏଲ ସିଇଓ ଅମିତ ଗର୍ଗ କହିଛନ୍ତି, ଯେ କୌଣସି ପ୍ରକାର ବିଦ୍ୟୁତ ସଂପର୍କିତ ସମସ୍ୟାକୁ ତୁରନ୍ତ ସମାଧାନ କରିବା ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଦକ୍ଷତାକୁ ଆହୁରି ଅଧିକ ବଢାଇବାରେ ଏପିଏସସିସି ବ୍ୟବସ୍ଥା ଉଦ୍ୟମକୁ ସୁଦୃଢ଼ କରିବ।

# ଜିଲା ପ୍ରାଣୀ ଚିକିତ୍ସାଳୟରେ ୨୪ ଘଣ୍ଟା ସେବା ମିଳୁନି

ବ୍ରହ୍ମପୁର,୩।୮ (ସ୍ମୃତି ରଞ୍ଜନ ମହାଲିକ)



ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମାନବାଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ, ଦାବିପତ୍ର ପ୍ରଦାନ

ଜିଲା ପ୍ରାଣୀ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସେବା ମିଳୁନି। ନିରୀହ ପଶୁମାନଙ୍କ ଚିକିତ୍ସାରେ ଗୁରୁତର ଅବହେଳା କରାଯାଉଥିବା ଅଭିଯୋଗ କରି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ସହରରେ ବିଭିନ୍ନ ଦୁର୍ଘଟଣାରେ ଆହତ ହୋଇ ରାସ୍ତାରେ ପଡି ରହୁଥିବା ଗାଈ, ଷଣ୍ଢ, ବୁଲା କୁକୁରଙ୍କ ତୁରନ୍ତ ଚିକିତ୍ସା ଆରମ୍ଭ ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଏଥିସହ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଟୋଲ ଫ୍ରି ନଂ ୧୯୬୨ ମଧ୍ୟ ଜାରି କରାଯାଇଛି। କିନ୍ତୁ ଏହି ନମ୍ବରରେ ଯୋଗାଯୋଗ କଲେ ଠିକ ସମୟରେ ସେବା ମିଳୁନି। ନିୟୋଜିତ ଡାକ୍ତର, କର୍ମଚାରୀଙ୍କ ଅଭିଜ୍ଞତା ନ ଥିବା କାରଣରୁ ବହୁ ପ୍ରାଣୀ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଥିସହିତ ଆବଶ୍ୟକ ସମସ୍ତ ଔଷଧ, ଇଞ୍ଜେକସନ, ସାଲାଇନ ନ ମିଳିବା କାରଣରୁ ଚିକିତ୍ସାଧୀନ ପଶୁଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଏପରିକି ପଶୁଙ୍କ ନିମନ୍ତେ ଆସୁଥିବା ଔଷଧକୁ କେତେଜଣ ଅସାଧୁ କର୍ମଚାରୀ ମିଳିମିଶି ହରିଲୁଟ କରୁଥିବା ନେଇ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀଙ୍କୁ ବହୁବାର ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ମଞ୍ଚ ଅଭିଯୋଗ କରିଛି। ତେଣୁ ଜିଲା ପ୍ରାଣୀ ଚିକିତ୍ସାଳୟରେ ଠିକ ଚିକିତ୍ସା ସହ ୨୪ ଘଣ୍ଟା ଇନଡୋର ସେବା ଓ ୨୪ ଘଣ୍ଟା ଆମ୍ବୁଲାନ୍ସ ସେବା ପାଇଁ ମାନବାଧିକାର ସୁରକ୍ଷା ମଞ୍ଚ ଦାବି କରିଛି। ବିକ୍ଷୋଭରେ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ସଂପାଦକ ସୁବାଷ ମିଶ୍ର, ଶିବ ସୁନ୍ଦର ରଥ ଓ ଶ୍ୟାମ ସୁନ୍ଦର ଖାଡଙ୍ଗାଙ୍କ ସମେତ ବହୁ ସଦସ୍ୟ ସାମିଲ ଥିଲେ।

### ସଂକ୍ଷେପରେ

## ସିଭିଲ ସର୍ଭିସରେ ମନସ୍ୱିତାଙ୍କ କୃତିତ୍ୱ



ରମ୍ଭା,୩।୮(ବନବାସୀ ସେଠୀ): ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ସାବୁଲିଆ ଗ୍ରାମ ପଞ୍ଚାୟତର ମନସ୍ୱିତା ବେହେରା ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ସେ ବ୍ରହ୍ମପୁର ଭିଜିଗିରି ବାଳିକା ଉଚ୍ଚ ବିଦ୍ୟାଳୟ ଓ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ମନସ୍ୱିତା ବେହେରା ହେଉଛନ୍ତି ଖଲ୍ଲିକୋଟ ବ୍ଲକ ପୂର୍ବତନ ଅଧକ୍ଷା ତଥା ଜିଲାପରିଷଦ ସଦସ୍ୟା ତୁଳସୀ ବେହେରା ଓ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୂର୍ବତନ ମୁଖ୍ୟ କିରାଣୀ ତ୍ରିନାଥ ବେହେରାଙ୍କ କନ୍ୟା। ମନସ୍ୱିତା ଆଇଆଇଟି ଧାନବାଦରେ ପିଜି ପଢିବା ପରେ ଚାକିରି କରୁଥିଲେ। ବର୍ତ୍ତମାନ ଖଣି ଓ ଇସ୍ପାତ ବିଭାଗରେ ଜିଓଲୋଜିଷ୍ଟ ବା ଭୂତତ୍ତ୍ୱବିତ ଗ୍ରୁପ ଏ ଭାବେ କାର୍ଯ୍ୟ କରୁଛନ୍ତି। ଏହା ପୂର୍ବରୁ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗରେ ହାଇଡ୍ରୋଲୋଜି ଗ୍ରୁପ ଏ ଭାବେ ମନୋନୀତ ହୋଇଥିଲେ। ଏଥିସହିତ ଭାରତ ସରକାରଙ୍କ ଦ୍ୱାରା ଜିଓସାଇଣ୍ଟିଷ୍ଟ ବା ଭୂବୈଜ୍ଞାନିକ ଭାବେ ୟୁପିଏସସି ନୂଆଦିଲ୍ଲୀ ଦ୍ୱାରା ମନୋନୀତ ହୋଇଛନ୍ତି। ଓସିଏସ ପରୀକ୍ଷାରେ ସେ ୨୯୯ ର୍ୟାଙ୍କ ରଖିଛନ୍ତି।

## ବ୍ଲକ ଡ୍ରାଇଭରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାୟଗଡ(ଗଜପତି)୩।୮

ରାୟଗଡ ବ୍ଲକ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହଠାରେ ଡ୍ରାଇଭର ଭିକାରୀ ଚରଣ ରାଉତଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ତଥା ସାଂସଦ ପ୍ରତିନିଧି ଅନ୍ତର୍ଯ୍ୟାମୀ ଗମାଙ୍ଗ, ମୁଖ୍ୟ କିରାଣି ଗୋରା ଚାନ୍ଦ କୁଜୁମ୍ବା ମଞ୍ଚାସୀନ ଥିବାବେଳେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ପିଇଓ, ଜିଆର୍‌ଏସ୍ ଓ ପଞ୍ଚାୟତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା, ଉପାଧକ୍ଷ ଓ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ତଥା ଏମ୍‌ପି ପ୍ରତିନିଧି ସରକାରୀ ଡ୍ରାଇଭରଙ୍କ ପାଦ ଛୁଇଁ ପ୍ରଣାମ କରିଥିବା ଦେଖିବାକୁ ମିଳିଥିଲା। ଜଣେ କର୍ତ୍ତବ୍ୟ ନିଷ୍ଠା, ସମୟାନୁବର୍ତ୍ତିତା ଡ୍ରାଇଭର ରାଉତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଡ୍ରାଇଭର ରାଉତ ଦମ୍ପତିଙ୍କୁ ଉପଢୌକନ ଓ ଉପହାର ପ୍ରଦାନ କରି ବିଦାୟ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସେନାପତି ଶିବିର ପରିଚାଳନା କରିଥିବାବେଳେ ପେସା ସଂଯୋଜକ ଶ୍ରୀଧର ଦାସ ପରିଚାଳନାରେ ସହଯୋଗ କରିଥିଲେ। ବିଡିଓ ସୁଧୀର କୁମାର ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜିଲା କାର୍ଯ୍ୟାଳୟକୁ ଗସ୍ତ କରିଥିବା ଯୋଗୁ ଅନୁପସ୍ଥିତ ଥିଲେ। ତେବେ ସଂଖ୍ୟାଧିକ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଥିଲା।

# ଛତ୍ରପୁର ହସ୍ପିଟାଲରେ ଡାକ୍ତର, କର୍ମଚାରୀ ଅଭାବ

ଛତ୍ରପୁର,୩।୮(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ସଦର ମହକୁମା ଛତ୍ରପୁରରେ ଥିବା ଉପଖଣ୍ଡ ହସ୍ପିଟାଲ ବିଭିନ୍ନ ସମସ୍ୟା ମଧ୍ୟରେ ଗତି କରୁଛି। ଏଠାରେ ଡାକ୍ତର, ନର୍ସ ପଦବୀ ଖାଲି ପଡ଼ିଥିବା ବେଳେ ଅନ୍ୟାନ୍ୟ ସମସ୍ୟା ଲାଗି ରହିଛି। ସମସ୍ୟ ସମାଧାନ ପାଇଁ ଏକାଧିକ ଥର ଦାବି କରାଯାଇଥିଲେ ମଧ୍ୟ କୌଣସି ସମାଧାନ ହେଉନି । ଗୁରୁବାର ଏ ନେଇ ଜନସାଧାରଣଙ୍କ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଛତ୍ରପୁର ବ୍ଲକ, ଏନ୍‌ଏସି, ଗଞ୍ଜାମ ବ୍ଲକ ଓ ଏନ୍‌ଏସି ଏବଂ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜନସାଧାରଣ ଛତ୍ରପୁର ଉପଖଣ୍ଡ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ଡାକ୍ତର , ନର୍ସ ଏବଂ ବିଭିନ୍ନ ପଦବୀ ଖାଲି ପଡିଥିବାରୁ ସମସ୍ୟା ହେଉଛି। ହସ୍ପିଟାଲରେ ଆବଶ୍ୟକ ଷ୍ଟାଫ୍ ନିଯୁକ୍ତ କରିବାକୁ ଅନୁରୋଧ କରାଯାଇଛି। ଏଥିସହ ହସ୍ପିଟାଲର ବିଭିନ୍ନ ଉପକରଣର ଉନ୍ନତୀକରଣ, ଭିତ୍ତିଭୂମିକୁ ସୁଦୃଢ ଏବଂ ଆଧୁନିକ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଦାବି ହୋଇଛି । ହସ୍ପିଟାଲ ପରିଚାଳନା କର୍ତ୍ତୃପକ୍ଷଙ୍କ ସହ ଜନସାଧାରଣଙ୍କ ଉତ୍ତମ ସମ୍ପର୍କ ସହ ସ୍ୱଚ୍ଛତା ଆବଶ୍ୟକତା ରହିଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହାର ନକଲ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଛତ୍ରପୁର ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ବେଳେ ପୂର୍ବତନ ଜିଲାପରିଷଦ ସଭ୍ୟ ଏସ୍.କିଶୋର ରେଡ୍ଡୀ, ଜ୍ୟୋତି ରଞ୍ଜନ ସାହୁ, ଅଶୋକ ପାଣିଗ୍ରାହୀ, ଶଙ୍କର ଦାଶ, ଏସ୍.ସଞ୍ଜୀବ ରେଡ୍ଡୀ, ପ୍ରଶାନ୍ତ କୁମାର ପଣ୍ଡା, ଓକିଲ ମନୋଜ ପାଢୀ, ଡି. ଦିଲେଶ୍ୱର ରେଡ୍ଡୀ, କେ. ସତ୍ୟ ନାରାୟଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ରାଜ୍ୟ ବିଦ୍ୟୁତ୍ ବୋର୍ଡ ଶ୍ରମିକ ମହାସଂଘ ବୈଠକ




ବୈଠକରେ ଉପସ୍ଥିତ ସଂଘ କର୍ମକର୍ତ୍ତା।

ହାତୀଓଟ/ପୋଲସରା,୩।୮ (ରଞ୍ଜୟ ପାଣିଗ୍ରାହୀ/ସୁବ୍ରତ ବେହେରା)

ପୋଲସରା ବ୍ଲକ ବଡ଼ପଙ୍କଲବାଡି ପଞ୍ଚାୟତର ଉଗ୍ରେଶ୍ୱର ଶୈବ ପୀଠରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ଶ୍ରମିକ ମହାସଂଘର ଏକ ବୈଠକ ଆୟୋଜିତ ହୋଇଥିଲା। ରାଜ୍ୟରେ ବିଦ୍ୟୁତ ବିଭାଗ ପକ୍ଷରୁ ଠିକା ଶ୍ରମିକମାନଙ୍କୁ ବାରମ୍ବାର ଚାକିରିରୁ ବହିଷ୍କାର କରିବାକୁ ଚେତାବନୀ ଦେଉଥିବାରୁ ସେମାନେ ମାନସିକ ଭାବେ ନିର୍ଯ୍ୟାତିତ ହୋଇ ପୋଲସରା ବ୍ଲକର ଶତାଧିକ ବାହ୍ୟ ଠିକା କର୍ମଚାରୀ ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ଼ ଶ୍ରମିକ ମହାସଂଘରେ ସାମିଲ ହୋଇଥିଲେ। ମହାସଂଘ ପକ୍ଷରୁ ସଂଯୋଜକ ଜଗନ୍ନାଥ ମହାରଣା ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ କରିବା ଅବସରରେ ଚୁକ୍ତି କରିଥିବା କମ୍ପାନୀର ଶ୍ରମିକ ମାରଣ ନୀତିକୁ କୌଣସି ପରିସ୍ଥିତିରେ ବରଦାସ୍ତ ନକରିବାକୁ ଆହ୍ୱାନ କରିଥିଲେ। ଉକ୍ତ ସଭାରେ ମହାସଂଘର କାଳୀ ପ୍ରସାଦ ମହାପାତ୍ର, ଅସିତ ସାହୁ, ଶ୍ରୀବତ୍ସ ତରାଇ, ସାଗର ପ୍ରଧାନ, ସୁଶାନ୍ତ ଗୌଡ଼, ଅନନ୍ତ ସେଠୀ, ଦିଲ୍ଲୀପ ପଲେଇ, ପବିତ୍ର ସ୍ୱାଇଁ, ଦୁର୍ଗା ମାଧବ ଦାସ, ଉତ୍ତମ ସାହୁଙ୍କ ସମେତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ।

## କାମରେ ଆସିଲାନି ସୋଲାର ଚାଳିତ ନଳକୂପ
# ବର୍ଷାଦିନେ ଜଳ କଷ୍ଟ, ପ୍ରଶାସନ ନୀରବ

ଦାରିଙ୍ଗବାଡି,୩।୮(ଅରୁଣ ସାହୁ)



ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଦୁର୍ଗମ ଆଡକି ଗ୍ରାମରେ ପିଇବା ପାଣିର ଅଭାବ ଦେଖାଯାଇଛି। ଏବେ ଲଘୁଚାପଜନିତ ବର୍ଷାରେ ସବୁଠାରୁ ଅଧିକ କଷ୍ଟ ଦେଖାଯାଇଛି। ଗ୍ରାମରେ ଶୁଦ୍ଧ ପାନୀୟଜଳ ପାଇବା ପାଇଁ ରାଜ୍ୟସରକାରଙ୍କ ଅନୁଦାନ କ୍ରମେ ୩ ଲକ୍ଷ ଅନୁଦାନରେ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ପଞ୍ଚାୟତକୁ ନିର୍ଦ୍ଦେଶ ରହିଥିଲା। ପଞ୍ଚାୟତ ଆଡକିରେ ଥିବା ଏକ ନଳକୂଅରେ ସୋଲାର ବ୍ୟବସ୍ଥାରେ ଜଳ ଉଠାଣ ପାଇଁ ଟାଙ୍କି ଓ ମୋଟର ବ୍ୟବସ୍ଥା କରାଗଲା । ଏଥିପାଇଁ ଏକ ଏଜେନ୍ସି ମାଧ୍ୟମରେ କାର୍ଯ୍ୟ କରାଯାଇଥିଲା। ତେବେ ଏଥିରେ ଚଞ୍ଚକତା କରାଯାଇ ଅର୍ଥ ତୋସରପାତ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ବର୍ଷ ଏହି କାର୍ଯ୍ୟ କରିବାର ମାତ୍ର କିଛି ଦିନ ଉକ୍ତ ସୋଲାର ନଳକୂଅ କାର୍ଯ୍ୟକ୍ଷମ ହେବା ପରେ ତାହା ଅଚଳ ହୋଇପଡ଼ିଛି। ଏକ ବର୍ଷ ହେଲା ଆଉ ତାହା କାର୍ଯ୍ୟକ୍ଷମ କରୁନାହିଁ ଫଳରେ ପିଇବା ପାଣି ପାଇଁ ଆଡକି ଗ୍ରାମବାସୀ ଚୁଆ ଏବଂ ନାଳ ଜଳ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏନେଇ ସିମନବାଡି ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରଜା ସାହୁଙ୍କୁ ପଚାରିବାରୁ ଅଚଳ ମେଶିନକୁ ମରାମତି କରିବା ପାଇଁ ଉକ୍ତ ଏଜେନ୍ସି ନେଇଛନ୍ତି ସେ ଆଜି ପର୍ଯ୍ୟନ୍ତ ତାକୁ ମରାମତି କରିନାହାନ୍ତି। ତତ୍କାଳୀନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ବେହେରା ସେହିସମୟରେ ଉକ୍ତ ଏଜେନ୍ସିକୁ ୩ଲକ୍ଷ ଅନୁଦାନର ବିଲ୍ କରିଛନ୍ତି କିନ୍ତୁ ତାଙ୍କ ସହ ଯୋଗାଯୋଗ ହୋଇପାରୁନି ବୋଲି କହିଛନ୍ତି। ଶୀଘ୍ର ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ବାଇକ୍ ଧକ୍କାରେ ଜଣେ ମୃତ

ଦିଗପହଣ୍ଡି,୩।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଥାନା ଅନ୍ତର୍ଗତ ଚକ୍ରପୁର-ତିତିଖଣ୍ଡି ରାସ୍ତାରେ ଗୁରୁବାର ରାତିରେ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚୁଡୁଙ୍ଗପୁର ଗ୍ରାମର ଜି.ରାମସ୍ୱାମୀ। ଜମିରୁ ସାଇକେଲରେ ଫେରୁଥିବା ରାମସ୍ୱାମୀଙ୍କୁ ଏକ ବାଇକ୍ ଧକ୍କା ଦେବାରୁ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଧକ୍କା ଦେଇଥିବା ବାଇକଟି ମଧ୍ୟ ଭାରସାମ୍ୟ ହରାଇ ପଡିଯିବାରୁ ଚୁଡୁଙ୍ଗପୁର ଗ୍ରାମର ବାଇକ୍ ଚାଳକ ଜି.ଅର୍ଜୁନ ପାତ୍ର ଓ ସେଥିରେ ବସିଥିବା ତିତିଖଣ୍ଡି ଗ୍ରାମର ଏ. ଦଣ୍ଡପାଣି ମଧ୍ୟ ଆହତ ହୋଇଛନ୍ତି। ଦିଗପହଣ୍ଡି ପୋଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରୁ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

## ମିଶନ ଶକ୍ତି ସ୍କୁଟି ଯୋଜନା ଆଲୋଚନାଚକ୍ର




ଆସିକା,୩।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକ ସଭା ଗୃହରେ ଗୁରୁବାର ମିଶନ ଶକ୍ତି ସ୍କୁଟି ଯୋଜନା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଡିପିଓ ଭାଗ୍ୟଲତା ପାତ୍ର, ଜୀବିକା ମିଶନର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଚନ୍ଦ୍ରଶେଖର ସାହୁ, ପ୍ରକଳ୍ପ ପରିଚାଳିକା ଅନିତା ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ରାଜ୍ୟ ସରକାର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ନିମନ୍ତେ ମହିଳାମାନଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ସ୍କୁଟି କିଣିବା ଲାଗି ସହାୟତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ମିଶନ ଶକ୍ତି କାର୍ଯ୍ୟରେ ନିୟୋଜିତ କର୍ମକର୍ତ୍ତାମାନେ ଏହାର ସୁଯୋଗ ନେବା ଲାଗି ଆହ୍ୱାନ ଦିଆଯାଇ ଥିଲା। ଆସିକା ବ୍ଲକର କର୍ତ୍ତବ୍ୟରତ ଏମବିସି, ଗ୍ରାମପଞ୍ଚାୟତସ୍ତରୀୟ ଜିପିଏଲ ସଦସ୍ୟ ଏବଂ ବିଭିନ୍ନ ଗାଡି ଯୋଗାଣକାରୀ ସଂସ୍ଥାର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଯୋଜନାରେ ଆସିକା ବ୍ଲକରେ ଏ ପର୍ଯ୍ୟନ୍ତ ୩ଶହ ଜଣ ସ୍କୁଟି ନେବା ପାଇଁ ଆବେଦନ କରିଛନ୍ତି।

# ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ପାତ୍ରପୁର ବ୍ଲକ ଗସ୍ତ



ବ୍ଲକ ସମ୍ମିଳନୀ କକ୍ଷରେ ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ସମୀକ୍ଷା କରୁଛନ୍ତି ।

ପାତ୍ରପୁର, ୩।୮(ଉମା ଚରଣ ନେପାକ)

ଓଡ଼ିଶା ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନି କାନ୍ତ ସାହୁ ଗୁରୁବାର ପାତ୍ରପୁର ବ୍ଲକ ଗସ୍ତରେ ଆସି ବ୍ଲକ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକ କରିଥିଲେ। ପାତ୍ରପୁର ତହସିଲଦାର ଅମିତ୍ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଏସ୍‌ଓ ବିକ୍ରମ କୁମାର ମେହେର, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ଦାସ, ଜିଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ନରସିଂହ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମଧ୍ୟାହ୍ନ ଭୋଜନ, ପୁଷ୍ଟିକର ଖାଦ୍ୟ ଓ ରାସନ କାର୍ଡରେ ରାସନ ଯୋଗାଣ ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିବା ବେଳେ ଲୋକଙ୍କ ଅସୁବିଧାର କିପରି ସମାଧାନ ହେବ ତା ଉପରେ ଗୁରୁତ୍ୱ ଦେଇ ଆଗାମୀ ଦୁଇ ମାସ ଭିତରେ ରାସନ କାର୍ଡ ପୋର୍ଟାଲ କାର୍ଯ୍ୟକାରୀ ହେବ ବୋଲି ପ୍ରକାଶ କରିଥିଲେ। ସମୀକ୍ଷା ପରେ ସୁରଙ୍ଗୀ ପଞ୍ଚାୟତ କାର୍ଯ୍ୟାଳୟ, ସାହାସପୁର ଅଙ୍ଗନୱାଡି କେନ୍ଦ୍ର, ପୋଲରାଜପୁର ପ୍ରାଥମିକ ବିଦ୍ୟାଳୟ ପ୍ରମୁଖ ସ୍ଥାନକୁ ଯାଇ ସମୀକ୍ଷା କରିଥିଲେ। ଉକ୍ତ ସମୟରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ. ସମ୍ବିତ ବେଗରାୟ, ସିପି ଦେବାଶିସ ପ୍ରଧାନ, ଏପିଓ ପ୍ରଣତି ପୁରୋହିତ ପ୍ରମୁଖ ସମେତ ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗଛ ନିକଟରୁ ମହିଳାଙ୍କ ମୃତଦେହ ଜବତ

ହିଞ୍ଜିଳିକାଟୁ, ୩।୮(ଦ୍ୱିତୀକୃଷ୍ଣ ପଣ୍ଡା): ଗୁରୁବାର ଭୋରରୁ ହିଞ୍ଜିଳିକାଟୁ ପୌରାଞ୍ଚଳ ବେବର୍ତ୍ତା ପୋଖରି ହୁଡ଼ାରେ ଏକ ଫୁଲଗଛ ନିକଟରୁ ଜଣେ ମହିଳାଙ୍କ ମୃତଦେହକୁ ହିଞ୍ଜିଳି ପୋଲିସ ଜବତ କରିଛି । ସେ ହେଲେ ପୌରାଞ୍ଚଳ ଅନ୍ତର୍ଗତ ଥାନାସାହିର ବନବାସୀ ସାହୁ (୪୬) । ଗୁରୁବାର ଭୋରରୁ ମହିଳା ଜଣଙ୍କ ଫୁଲ ତୋଳିବାକୁ ବେବର୍ତ୍ତା ପୋଖରୀ ନିକଟକୁ ଯାଇଥିଲେ। ଜଣେ ବ୍ୟକ୍ତିଙ୍କ ଘରର ବାଡିପଟେ ଏକ ଫୁଲଗଛ ନିକଟରେ ମହିଳା ଜଣକ ଅଚେତ ହୋଇ ପଡ଼ିଥିବା ଅନ୍ୟ କିଛି ବ୍ୟକ୍ତି ଦେଖିଥିଲେ। ପରିବାର ଲୋକେ ପହଞ୍ଚି ମହିଳାଙ୍କୁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର, ତାଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପଠାଇଥିଲା। ଏ ନେଇ ହିଞ୍ଜିଳି ଥାନାରେ ନଂ. ୧୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ମହିଳାଙ୍କ ହାତରେ ବିଦ୍ୟୁତ ଆଘାତ ଜନିତ ପୋଡ଼ା ଚିହ୍ନ ରହିଛି। କେହି ଫୁଲ ଚୋରି ପାଇଁ ଗଛରେ ବିଦ୍ୟୁତ ସଂଯୋଗ କରିଥିବା ଓ ତାହା ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ ଘଟିଥିବା ଆଲୋଚନା ହେଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

**ନିଖୋଜ ବାଳିକା ବିଷୟରେ**

ଗତ ତା୨୯.୦୭.୨୦୨୩ରିଖ ସନ୍ଧ୍ୟା ସମୟରେ ପୁରୀ ସମୁଦ୍ରକୂଳ ବତୀଖୁଣ୍ଟ ନିକଟରୁ ଅଢେଇ ବର୍ଷ ବୟସର ଏକ ଶିଶୁ କନ୍ୟା ନିଖୋଜ ହୋଇଯାଇଛି ।

ନାମ-ରାଧା ମଲ୍ଲିକ
ବୟସ-୨ ବର୍ଷ ୬ ମାସ
ଉଚ୍ଚତା-ତିନି ଫୁଟ
ରଙ୍ଗ- ଶ୍ୟାମଳ
ପୋଷାକ- ଗୋଲାପି ଶାର୍ଟ



କେହି ସହୃଦୟ ବ୍ୟକ୍ତି ଏ ଛୋଟ ଝିଅଟିର ସନ୍ଧାନ ପାଇଲେ ବଳିଆପଣ୍ଡା ଥାନାର ନମ୍ବର 9438916313 କିମ୍ବା ତଦନ୍ତକାରୀ ଅଫିସର 9437390096ରେ ଜଣେଇବାକୁ ଅନୁରୋଧ ।

**ଭାରତ ସରକାର / भारत सरकार**
**ଆୟୁଷ ମନ୍ତ୍ରଣାଳୟ / आयुष मंत्रालय**

ରାଷ୍ଟ୍ରୀୟ ଧନ୍ୱନ୍ତରୀ ଆୟୁର୍ବେଦ ପୁରସ୍କାର, ୨୦୨୩ ନିମନ୍ତେ ଆୟୁର୍ବେଦ ବିଶେଷଜ୍ଞମାନଙ୍କଠାରୁ ଦରଖାସ୍ତ/ନାମାଙ୍କନ ଆହ୍ୱାନ କରାଯାଉଛି । ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ପୁରସ୍କାରକୁ ଭାରତୀୟ ଔଷଧ କେନ୍ଦ୍ରୀୟ ପରିଷଦ ଅଧିନିୟମ, ୧୯୭୦ର ଅନୁସୂଚୀ II, III, IVରେ ଅନ୍ତର୍ଭୁକ୍ତ ଯୋଗ୍ୟତାଧାରୀ ତଥା ଆୟୁର୍ବେଦ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଆୟୁର୍ବେଦ ବିଶେଷଜ୍ଞଙ୍କୁ ପ୍ରଦାନ କରାଯାଇଥାଏ । ଧନ୍ୱନ୍ତରୀ ଜୟନ୍ତୀ (ଧନ୍ତେରସ) ଦିନ ପାଳିତ ହେବାକୁ ଥିବା ୮ମ ଆୟୁର୍ବେଦ ଦିବସ ଅବସରରେ ପୁରସ୍କୃତଙ୍କୁ ସମ୍ମାନିତ କରାଯିବ। ବିବରଣୀ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାରଙ୍କ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ http://awards.gov.inରେ ଉପଲବ୍ଧ ଅଟେ । ଦରଖାସ୍ତ/ନାମାଙ୍କନ ୧୫ ସେପ୍ଟେମ୍ବର, ୨୦୨୩ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।

cbc 17201/11/0006/2324

**OFFICE OF THE**
**ROURKELA MUNICIPAL CORPORATION: ROURKELA**
**INVITATION FOR BID**
**No.9256, Dated 03.08.2023**
**Bid Identification No. :- MC/RMC/18/2023**

**No.C-974:** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double cover on online Mode. Bid Identification No. MC/RMC/18/2021 for 01 no. Civil work with value of Rs. 67.70 lakh.

1. Bid documents will be available in website **www.tendersorissa.gov.in** from 03.08.2023.
2. Bids must be submitted on "online" on or before **14.08.2023 by 17.00 hours**
3. Bids shall be opened at **11.00 hours on 16.08.2023** in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0034/2324

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1526 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3840/RE/OSIC Dt.02.08.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work **"Supply, installation and commissioning of weighbridge at different yard under R.M.C. Junagarh".** Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)

OIPR-14073/11/0045/2324

## ସ୍କୁଲରେ ଗଛ ଲଗାଇଲେ ଛାତ୍ରୀଛାତ୍ର

ପୋଲସରା,୩।୮(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ବ୍ଲକ ଅନ୍ତର୍ଗତ ଚିରିକିପଡ଼ା ଶାସନ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଛି।

## କମିଲା ବର୍ଷା, ଫୁଲବାଣୀରେ ଭାଙ୍ଗିଛି ୩୩ ଘର

ଫୁଲବାଣୀ, ୩।୮(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ ଲାଗି ରହିଥିବା ଲଗାଣ ବର୍ଷା ଗୁରୁବାର ଥମିଛି । ସକାଳୁ ଅଳ୍ପ ବର୍ଷା ହେବା ପରେ ଅପରାହ୍ନରେ ଖରା ପଡିଛି। ହେଲେ ଏହି ବର୍ଷାରେ ଜିଲାରେ କଚ୍ଚା ଘରେ ରହୁଥବା ଲୋକଙ୍କ ଦୁର୍ଦ୍ଦଶା ବଢ଼ି ଯାଇଛି। ଫୁଲବାଣୀରେ କଚ୍ଚା ଘରେ ବାସ କରୁଥିବା ଲୋକଙ୍କୁ ଆଣି ଜିଲା ସଂସ୍କୃତି କାର୍ଯ୍ୟାଳୟ ସଭା ଗୃହରେ ଥଇଥାନ କରାଯାଇଥିଲା। ବର୍ଷା ଛାଡି ଯିବାରୁ ସେମାନଙ୍କୁ ଘରକୁ ପଠାଯାଇଛି । ଗତ ତିନି ଦିନ ଧରି ହୋଇଥିବା ଲଗାଣ ବର୍ଷା କମିବା ପରେ ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ଆରମ୍ଭ ହୋଇଛି । ଶୀଘ୍ର ରିପୋର୍ଟ ଦେବାକୁ ତହସିଲଦାରଙ୍କୁ କୁହାଯାଇଛି। ସଦ୍ୟ ହସ୍ତଗତ ରିପୋର୍ଟ ଅନୁସାରେ ଜିଲାରେ ୬୮ଟି ଘର କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଫୁଲବାଣୀ ବ୍ଲକ ଅଞ୍ଚଳରେ ସର୍ବାଧିକ ୩୩ଟି ଘର ଭାଙ୍ଗି ଯାଇଛି । ସେହିପରି ଖଜୁରିପଡାରେ ୧୬ଟି, ଫିରିଙ୍ଗିଆରେ ୧୧, ରାଇକିଆରେ ୪, କ.ନୂଆଗାଁରେ ୨, କୋଟଗଡ ଓ ଦାରିଙ୍ଗବାଡିରେ ଗୋଟିଏ ଲେଖାଏ ଘର କ୍ଷତିଗ୍ରସ୍ତ ହୋଇଛି। ଅନ୍ୟ ବ୍ଲକରୁ କ୍ଷୟକ୍ଷତିର ରିପୋର୍ଟ ଆସି ନ ଥିବାରୁ ଏହି ସଂଖ୍ୟା ବଢିବା ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତ ପରିବାରଙ୍କୁ ୧୭୪ଟି ପଲିଥିନ ବଣ୍ଟନ କରାଯାଇଛି। ଲଗାଣ ବର୍ଷାରେ ଜିଲାର ଆଭ୍ୟନ୍ତରୀଣ ଅଂଚଳରେ ବହୁ କଲଭର୍ଟ ଭାଙ୍ଗିଯିବା ଓ ରାସ୍ତାଘାଟ ଧୋଇ ଯିବାରୁ ଯୋଗାଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି। ଏ ନେଇ ପୂର୍ତ୍ତ ଏବଂ ଆରଡି ବିଭାଗକୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲା ଆପଦକାଳୀନ ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି।

# ଦାବି ପୂରଣ ପାଇଁ ଶିକ୍ଷକ ନେବେ ସମୂହ ଛୁଟି

### କାର୍ଯ୍ୟକାରିଣୀ କମିଟିର ପ୍ରସ୍ତୁତି ବୈଠକ



ବେଲଗୁଣ୍ଠା,୩।୮( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଶିକ୍ଷକମାନଙ୍କ ୩ ଦଫା ଦାବି ନେଇ ଆସନ୍ତା ଅଗଷ୍ଟ ୧୬ ତାରିଖରୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସମୂହ ଛୁଟି ଘୋଷଣା କରିଛି। ଏନେଇ ବେଲଗୁଣ୍ଠା ବ୍ଲକ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ଏବଂ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ କର୍ମକର୍ତ୍ତାଙ୍କ ଏକ ମିଳିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ବେଲଗୁଣ୍ଠା ବ୍ଲକ ସଭାପତି ବସନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବୈଠକରେ ଉଭୟ ଶିକ୍ଷକ ସଂଘର ସମ୍ପାଦକ ବାଳକୃଷ୍ଣ ସାବତ, ମନୋରଞ୍ଜନ ବିଷୋୟୀ, ଉପସଭାପତି ଶଲ୍ୟ ସିଅ, କୋଷାଧ୍ୟକ୍ଷ ଶଙ୍କର ନାରାୟଣ ସେଠୀ, କମିଟି ସଦସ୍ୟ ବଲ୍ଲଭ ପଣ୍ଡା, ବିଦେଶୀ ବାଡତ୍ୟା, ସନ୍ତୋଷ ପଟ୍ଟନାୟକ, ସୁବ୍ରତ ପାତ୍ର, ଶୀତଳ ପ୍ରସାଦ ଜେନା, କେଦାର ନାଥ ନାୟକ, ମନୋଜ ପଟ୍ଟନାୟକ, ଅଶୋକ ବେହେରା, ନୀଳକଣ୍ଠ ନନ୍ଦ ଉପସ୍ଥିତ ରହି ଆଗାମୀ ଆନ୍ଦୋଳନ ସକାଶେ ରଣନୀତି ପ୍ରସ୍ତୁତ କରିଥିଲେ। ବୈଠକରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘର ନିର୍ଦ୍ଦେଶନାମା ଅନୁଯାୟୀ ଆସନ୍ତା ଅଗଷ୍ଟ ୫ ତାରିଖ ତଥା ଶନିବାର ବ୍ଲକ୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ବ୍ଲକସ୍ତରୀୟ ବୈଠକ କରାଯିବା ସହିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଆନ୍ଦୋଳନ ସମ୍ପର୍କିତ ଦାବିପତ୍ର ପ୍ରଦାନ କରାଯିବ ବୋଲି ସ୍ଥିର କରାଯାଇଥିଲା। ଆଗାମୀ ଆନ୍ଦୋଳନ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ନେତୃତ୍ୱରେ ଅନୁଷ୍ଠିତ ହେବ ଏବଂ ଏହାକୁ ବ୍ଲକ ସ୍ତରରେ ଶତପ୍ରତିଶତ ସଫଳ କରିବା ବୋଲି ସମ୍ପାଦକ ବାଳକୃଷ୍ଣ ସାବତ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ ପଟ୍ଟନାୟକ ପରିଚାଳନା କରିଥିଲେ ଓ ଶିକ୍ଷକ ଶିଶିର କୁମାର ସ୍ୱାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ସଂକ୍ଷେପରେ

### ଏନ୍ଏସି ଇଓଙ୍କୁ ଅତିରିକ୍ତ ଦାୟିତ୍ୱ

ଗଞ୍ଜାମ,୩।୮ (ବିଦ୍ୟାଧର ସାହୁ)

ଜିଲାର କିଛି ଏନ୍ଏସି ଓ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ (ଇଓ)ଙ୍କ କାର୍ଯ୍ୟଶୈଳୀକୁ ପ୍ରଶଂସା କରି ରାଜ୍ୟ ସରକାର ସେମାନଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଗୃହ ନଗର ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଚିଠି ନଂ୧୫୦୩୩ ତା ୨୮/୭ରେ ଗଞ୍ଜାମ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ରଙ୍କୁ ସ୍ୱତନ୍ତ୍ର ଯୋଜନା ଅଧିକାରୀ (ଏସ୍‌ପିଏ) ଅତିରିକ୍ତ ଦାୟିତ୍ୱ ମିଳିଛି। ସରକାର ଯେଉଁ ଦାୟିତ୍ୱ ଦେବେ ତାହା ସୁଚାରୁରୂପେ ତୁଲାଇବା ପାଇଁ ଚେଷ୍ଟା କରିବା ସହ ଏନ୍ଏସି ଅଫିସ ହେଉଛି ସର୍ବସାଧାରଣ ଅଫିସ ତେଣୁ ସ୍ଥାନୀୟ ଅଞ୍ଚଳର ଉନ୍ନୟନ ଏବଂ ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବେ ବୋଲି ଇଓ କହିଛନ୍ତି।

### ନିଶା ନିବାରଣ ସଚେତନତା

ବାଲିପଦର,୩।୮ (ବିଶିକେଶନ ସ୍ୱାଇଁ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଡିଗ୍ରୀ ମହାବିଦ୍ୟାଳୟରେ ବୁଧବାର ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏବଂ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ତମାଖୁ ଭଳି ନିଶା ଦ୍ରବ୍ୟର ଅପକାରିତା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଏନ୍ଏସ୍ଏସ୍ ଦାୟିତ୍ୱରେ ଥିବା ସଂଯୋଜିକା ମିନତି ଆଚାରି ସୁଚାରୁ ରୂପେ ପରିଚାଳନା କରିବା ସହ ଯୁବ ପିଢ଼ିମାନେ କିପରି ନିଶା ସେବନରୁ ଦୂରେଇ ରହିବେ ସେମାନଙ୍କ ପାଇଁ ସେ ସଚେତନତାମୂଳକ ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଲେଜ୍‌ର କ୍ରୀଡା ଶିକ୍ଷକ ଭଞ୍ଜକିଶୋର ଗୌଡ଼ ସହଯୋଗ କରିଥିଲେ।

### ନୂଆ ମେଡିକାଲ କୋଠା ପାଇଁ ଜାଗା ଚିହ୍ନଟ

କୁକୁଡାଖଣ୍ଡି,୩।୮ (ପ୍ରତାପ କୁମାର ସାହୁ)

କୁକୁଡାଖଣ୍ଡି ତହସିଲ ଅଫିସ ବାମ ପାର୍ଶ୍ୱରେ ନୂତନ ମେଡିକାଲ କୋଠା ନିର୍ମାଣ କରାଯିବାକୁ ସ୍ଥିର ହୋଇଛି । ଗୁରୁବାର କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀ ଏବଂ ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଉପସ୍ଥିତିରେ ଏସଡିଓ ବୀରେନ୍ଦ୍ର ଖୁରା ଏବଂ ତାଙ୍କ ଟିମ ମେଡିକାଲ ନିମନ୍ତେ ଏହି ଜାଗା ଚିହ୍ନଟ କରାଯାଇଛି। ଏହା ରାଜ୍ୟ ସରକାରଙ୍କ ସ୍ୱୀକୃତି ପାଇଁ ଆର୍କିଟେକଚର ଜରିଆରେ ଫାଇଲ ପଠାଯିବ ଓ ଖୁବ ଶୀଘ୍ର ୯କୋଟି ୯୪ଲକ୍ଷ ଟଙ୍କା ବ୍ୟୟରେ ମେଡିକାଲ କୋଠା ନିର୍ମାଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ସୂଚନାଯୋଗ୍ୟ, କୁକୁଡାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଅଳ୍ପ ଜାଗାରେ ଥିବାରୁ ଆମ୍ବୁଲାନ୍ସ ଯାତାୟାତରେ ଅସୁବିଧା ହେଉଛି । ଏଥିସହ କୋଠାରେ ଆଧୁନିକ ପ୍ରଣାଳୀରେ କୌଣସି ଯନ୍ତ୍ରପାତି ରଖିବା ସମ୍ଭବ ହେଉନାହିଁ। ଏ ନେଇ ବ୍ଲକ ଅଧ୍ୟକ୍ଷ ପାତ୍ରଙ୍କ ସମେତ କୁକୁଡାଖଣ୍ଡି ଅଞ୍ଚଳବାସୀ ନୂତନ କୋଠା ନିର୍ମାଣ ନିମନ୍ତେ ସିଡିଏମଙ୍କୁ ଚିଠି ମାଧ୍ୟମରେ ଅନୁରୋଧ କରିଥିଲେ । ଜାଗା ଚିହ୍ନଟ ସମୟରେ ଆର୍କିଟେକଚର ସନ୍ତୋଷୀ ପ୍ରଧାନ, ରୋଶନ ଦାସ, ମେଡିକାଲ ଆକାଉଣ୍ଟାଣ୍ଟ ବାଳ ବାଳକୃଷ୍ଣ ପଟ୍ଟନାୟକ, ଏନଏଚଏମ ଜେଇ ନିବେଦିତା ମିଶ୍ର,ଜେଇ ଦିଲୀପ କୁମାର ଚୌଧୁରୀ, ଆରଆଇ ନାରାୟଣ କାର୍ଜି ଏବଂ ବିଡିଏମ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ଭୋଟର ନାମ ଯୋଡ଼ିବା ଉପରେ ଗୁରୁତ୍ୱାରୋପ

ଭଞ୍ଜନଗର,୩।୮ (ବାବୁଲା ପ୍ରଧାନ):

ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଉପରେ ଏକ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଅଧ୍ୟକ୍ଷତା କରି ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଏବଂ ମହିଳା, ଯୁବ ଭୋଟର ସଂଖ୍ୟା କିଭଳି ବୃଦ୍ଧିପାଇବ ସେ ଉପରେ ଆଲୋକପାତ କରିଥିଲେ। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନେ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ। ରାଜ୍ୟରେ ମହିଳା ଭୋଟର ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ୧୦୦୦ ମହିଳା ଭୋଟରଙ୍କ ମଧ୍ୟରୁ ୯୬୧ରୁ ଉର୍ଦ୍ଧ୍ୱ ଭୋଟର ସାଧାରଣ ନିର୍ବାଚନରେ ମତଦାନ କଲେ ବହୁତ ଭଲ। ୯୨୭ ଜଣ ମତଦାନ କଲେ ଚଳିବ। କିନ୍ତୁ ରାଜ୍ୟର ପ୍ରାୟ ଅଧାରୁ ଅଧିକ ନିର୍ବାଚନମଣ୍ଡଳୀରେ ୯୦୦ରୁ କମ ମହିଳା ଭୋଟର ମତଦାନ



ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ଉଦବୋଧନ ଦେଉଛନ୍ତି।

କରୁଛନ୍ତି, ଯାହାକି ଚିନ୍ତାଜନକ ବିଷୟ ବୋଲି ବକ୍ତାମାନେ କହିଥିଲେ। ଆସନ୍ତା ୨୨ ତାରିଖରେ ନିର୍ବାଚନ କମିଶନ ଓଡ଼ିଶା ଗସ୍ତରେ ଆସୁଥିବା ଜଣାପଡିଛି। ଉକ୍ତ ବୈଠକରେ ଭୋଟର ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା ହେବ। ଅପରପକ୍ଷେ ବୁଥସ୍ତରୀୟ ଏଜେଣ୍ଟମାନେ ମଧ୍ୟ ଆସନ୍ତା ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ନୂତନ ଯୁବ ଭୋଟର ନାମ କିଭଳି ଯୋଡାଯିବ ସେନେଇ ପଦକ୍ଷେପ ନେଉଛନ୍ତି। ଏହି ସମୀକ୍ଷା ବୈଠକରେ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଭାଜପା ନେତା ସନ୍ତୋଷ ତିଆଡ଼ି, ସନ୍ତୋଷ ପାଲ, ରଞ୍ଜନ ରାଉତ, ଗୋବର୍ଦ୍ଧନ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, କଂଗ୍ରେସରୁ ସନ୍ତୋଷ ନାୟକ, ପ୍ରଶାନ୍ତ ବିଶୋଇ, ସିପିଆଇଏମରୁ ଅଭିମନ୍ୟୁ ଗୌଡ ପ୍ରମୁଖ ଯୋଗଦେଇଥିଲେ। ରାଜନୈତିକ ଦଳଗୁଡିକ ଭୋଟର ତାଲିକା ପ୍ରସ୍ତୁତି ସମୟରେ ବିଏଲଓ ନିଯୁକ୍ତି ଦେଲେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ। ସମସ୍ତ ଭୋଟରଙ୍କ ପରିଚୟ

- ରାଜ୍ୟରେ ମହିଳା ଭୋଟର ସଂଖ୍ୟା କମୁଛି
- ୨୨ରେ ନିର୍ବାଚନ କମିଶନର ଆସୁଛନ୍ତି

ପତ୍ର ସହ ଆଧାର କାର୍ଡ ସଂଯୋଗୀକରଣ ଚାଲିଛି। ଭଞ୍ଜନଗର ଉପଖଣ୍ଡର ଆସିକା, ଭଞ୍ଜନଗର ଏବଂ ସୋରଡ଼ା ନିର୍ବାଚନମଣ୍ଡଳୀରେ ଏହା ୮୫ ପ୍ରତିଶତ ସଫଳ ହୋଇଛି। ଆଗକୁ ଶତପ୍ରତିଶତ ଆଧାର କାର୍ଡ ସଂଯୋଗୀକରଣ ପାଇଁ ପଦକ୍ଷେପ ନିଆଯାଇଛି। ସମସ୍ତଙ୍କ ସହଯୋଗ ରହିଲେ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ଉପଜିଲାପାଳ ରାୟ ସୂଚନା ଦେଇଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ସତପଥୀ, ନିର୍ବାଚନ ସେକ୍ସନ କର୍ମଚାରୀ ମୁକ୍ତିପଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭୋଟର ସଚେତନତା କାର୍ଯ୍ୟକ୍ରମ

ବୁଗୁଡା,୩।୮ (କାଳି ଚରଣ ଦାଶ):

ବୁଗୁଡା ବ୍ଲକ ଅନ୍ତର୍ଗତ ବାଲିପଦର ଡିଗ୍ରୀ କଲେଜରେ ବୁଧବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡିଓ ବାସୁଦେବ ନାୟକ, ତହସିଲଦାର ତାପସ ରାଉତ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ନୂତନ ଭୋଟରଙ୍କ ଆବେଦନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ। ଶେଷରେ ଅଧ୍ୟାପକ ଗୋପୀନାଥ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଏଏସ୍ ପରୀକ୍ଷାରେ ସୁରଜଙ୍କ କୃତିତ୍ୱ



ସୁରଜଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

ଗଞ୍ଜାମ,୩।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଜେଆରଜେ ପୁର ଗ୍ରାମର ସୁରଜ ନାୟକ ୧୫୨ ର୍‍ୟାଙ୍କ ରଖି ଓସିଏସ୍ ପାଇଛନ୍ତି। ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୁରଜଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଜଣାଇଛନ୍ତି। ଜିଲା ପରିଷଦ ସଭ୍ୟ ସନାତନ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ସରପଞ୍ଚ ସିଦ୍ଧେଶ୍ୱର ନାହାକ, ସମିତି ମେମ୍ବର ଚକା ନାହାକ, ବିଜେଡି ଯୁବନେତା ଚିତ୍ତରଞ୍ଜନ ନାହାକ, ମହେଶ୍ୱର ନାହାକ ଉପସ୍ଥିତ ଥିଲେ। ସ୍ୱର୍ଗତ ସୁଧୀର ନାହାକଙ୍କ ପୁଅ ସୁରଜ ୨୦୧୩ରେ ଏସ୍‌ଟି ସ୍କେଭେର ହାଇସ୍କୁଲରୁ ମାଟ୍ରିକ ପାସ କରିବା ପରେ ଆରିୟାନ ଗୁରୁକୁଳ ରେସିଡେନ୍ସିଆଲ କଲେଜରେ ଅଧ୍ୟୟନ କରି ୨୦୧୫ରେ ଖଲ୍ଲିକୋଟ ଅଟୋନମସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗ୍ରାଜୁଏଶନ ଶେଷ କରିଥିଲେ। ଭୁବନେଶ୍ୱରରେ ଆଇଆଇଟି ଜେଏମ୍ ଏଣ୍ଟ୍ରାନ୍ସ ଏବଂ ପିଇଟି ଏଣ୍ଟ୍ରାନ୍ସ କ୍ଲିୟର କରିବା ପରେ ଆଇଆଇଟି ଓ ଆଇଏସସି ପାଇଁ ମନୋନୀତ ହୋଇଥିଲେ। ସୁରଜଙ୍କ ପୋଷ୍ଟ ଗ୍ରାଜୁଏଶନ ବନାରସ ହିନ୍ଦୁ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ୨୦୨୦ରେ ସରିବା ପରେ ସେହି ବର୍ଷ ହିଁ ସିଭିଲ ସର୍ଭିସ ପରୀକ୍ଷା ଓପିଏସ୍‌ସି ଓସିଏସ ପରୀକ୍ଷା ଦେଇଥିଲେ। ଏଥିପାଇଁ କୌଣସି କୋଚିଂ ନେଇ ନଥିବା ବେଳେ ଇଣ୍ଟରନେଟ ସାହାଯ୍ୟରେ ପାଠ ପଢ଼ି କୃତିତ୍ୱ ହାସଲ କରିଛନ୍ତି ବୋଲି କହିଛନ୍ତି ସୁରଜ। ଏଥିପାଇଁ ସେ ପ୍ରଥମେ ଭଗବାନ୍ ଓ ତାଙ୍କ ସାନ ଭଉଣୀ ପିଙ୍କିଙ୍କ ସହ ପରିବାରକୁ ଶ୍ରେୟ ଦେଇଛନ୍ତି ସୁରଜ।

# ଝାଡରଣ୍ଡିବା ଗାଁକୁ ନାହିଁ ଭଲ ଚଲା ରାସ୍ତା

ଆର.ଉଦୟଗିରି,୩।୮ (ମନୋଜ କୁମାର ପାଢୀ)

ଗାଁ କୁ ନାହିଁ ରାସ୍ତା । ନେତାଠାରୁ ଅଫିସରଙ୍କ ପର୍ଯ୍ୟନ୍ତ ଗୁହାରି କରି କରି ଗ୍ରାମବାସୀ ହେଲେଣି ହତାଶ। ତଥାପି କୌଣସି ସୁଫଳ ମିଳିନାହିଁ। ଏହା ଦେଖିବାକୁ ମିଳିଛି ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝାଡରଣ୍ଡିବା ଗାଁରେ। ଆଜକୁ ପ୍ରାୟ ଅନେକ ବର୍ଷ ଧରି ଗ୍ରାମରେ ପ୍ରାୟ ୩୫ ପରିବାର ବସବାସ କରିଆସୁଛନ୍ତି। ହେଲେ ଗ୍ରାମରେ ଚାଲିବା ପାଇଁ ପକ୍କା ରାସ୍ତା ନାହିଁ। ଗାଁରେ କୌଣସି ସରକାରୀ କର୍ମଚାରୀଙ୍କ ପାଦ ଆଜିଯାଏ ପଡିନି। କେବଳ ପଡିଛି ନେତାଙ୍କର। ହେଲେ ଭୋଟ ସରିବା ପରେ କେବେ ବି ଆଉ କାହାର ଦେଖାନାହିଁ। ଅପରପକ୍ଷେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଛନ୍ତି ଆଉ ପାଞ୍ଚ ଖଣ୍ଡ ଗ୍ରାମବାସୀ। ବର୍ଷା ଦିନେ

**ମରଣଯନ୍ତା ପାଲଟିଛି ରାସ୍ତା**



ଶୋଚନୀୟ ରାସ୍ତା।

ପିଲାମାନେ ସ୍କୁଲ୍ ଯିବାରେ ଅସୁବିଧା ଭୋଗିବାକୁ ପଡୁଛି। ଆମ୍ବୁଲାନ୍ସ ଗାଁକୁ ଆସି ପାରୁ ନ ଥିବାରୁ ଗର୍ଭବତୀଙ୍କୁ ଖଟିଆରେ ବୁହାଯାଉଛି। ଗାଁରୁ ବାହାରିବାକୁ ହେଲେ ଏକ ମାତ୍ର ସାହା ସେହି ରାସ୍ତା। ସେହି ରାସ୍ତା ଉପରେ ନିର୍ଭର କରୁଛନ୍ତି ଛଅ ଖଣ୍ଡ ଗ୍ରାମବାସୀ। ଗାଁ ପାଇଁ ମୁଖ୍ୟ ବାଧକ ସାଜିଛି ସେହି କାଦୁଅ ରାସ୍ତା। ତେବେ ଗାଁର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାଳ ମାଳ ଯୋଜନା ତିଆରି କରୁଛନ୍ତି, ହେଲେ ସେ ସବୁ କାହା ପାଇଁ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଯଦି ରାସ୍ତା ତିଆରି ନ ହୁଏ, ତେବେ ମିଶି ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

### ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ରମ୍ଭା,୩।୮ (ବନବାସୀ ସେଠୀ):

ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ +୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ଃ ରଞ୍ଜନ କୁମାର ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଡ଼ଃ ଗୋବିନ୍ଦ ଚନ୍ଦ୍ର ପଣ୍ଡା ବିଦ୍ୟାଳୟର ନୀତିନିୟମ ବିଷୟରେ ଦିଗ ଦର୍ଶନ ଦେଇଥିବା ବେଳେ ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ନବାଗତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। ପ୍ରାଧ୍ୟାପକ ଡ଼ଃ ଶିବପ୍ରସାଦ ମିଶ୍ର, ଅଧ୍ୟାପକ ରାମଚନ୍ଦ୍ର ନାହାକ, ଶରତଚନ୍ଦ୍ର ଯୋଶୀ, ଡ଼ଃ ରବୀନ୍ଦ୍ର କୁମାର ନାୟକ, ଯୋଗଶିକ୍ଷକ ବିରେନ କୁମାର ତ୍ରିପାଠୀ, ଡାଟା ଅପରେଟର କାଳିଆ ବେହେରା, ଅଧ୍ୟାପିକା ସ୍ନେହଲତା ନାୟକ, ଅଧ୍ୟାପିକା ପ୍ରମିତା ମହାରଣା, ଧରିତ୍ରୀ ନାୟକ, ଡେମୋନେଷ୍ଟ୍ରେଟର ଡ଼ି. ତ୍ରିନାଥ ପ୍ରଧାନ ଓ ବିଚିତ୍ରା ନନ୍ଦ ସାହୁ, ଲାଇବ୍ରେରିଆନ ରାଜେନ୍ଦ୍ର ନାହାକ ଓ ସତ୍ୟବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଓସିଏସ୍ ପରୀକ୍ଷାରେ ଜଗଜ୍ଜୀବନ କୃତକାର୍ଯ୍ୟ

ଶେରଗଡ, ୩।୮ (ସୂର୍ଯ୍ୟନାରାୟଣ ଦାଶ):

ଶେରଗଡ ବ୍ଲକ ଆମ୍ବୁଆବାଡି ଗ୍ରାମର ଜଗଜୀବନ ସେଠୀ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବାପା ଗନ୍ଧା ସିଲେଇ କରି ଜଗଜୀବନଙ୍କୁ ଜଣେ ଶିକ୍ଷକ ଭାବେ ଗଢି ତୋଳିଥିଲେ। ସେ କୋରାପୁଟ ଜିଲା ଜିରେଇଗୁଡା ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଚଳିତବର୍ଷ ୨୭୪ ର୍‍ୟାଙ୍କରେ ରହି ଶେରଗଡ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏଜୁକେସନ ଅନର୍ସରେ ଡିଷ୍ଟିଙ୍କସନ ପାଇଥିଲେ। ତାଙ୍କର ଏହି ସଫଳତା ନିମନ୍ତେ ଶିକ୍ଷକ ବିପ୍ରଚରଣ



ତ୍ରିପାଠୀ, ରାମକୃଷ୍ଣ ମାଦଳା, ବିଜୟ କୁମାର ଜେନା ସାମନ୍ତ, ଅଧ୍ୟକ୍ଷ ଭଗବତୀ ପ୍ରସାଦ ମହାପାତ୍ରଙ୍କୁ ଶ୍ରେୟ ଦେଇଛନ୍ତି। ବିଡିଓ ଶିବାଶିଷ ବରାଳ, ତହସିଲଦାର ତ୍ରିଦେବ ରଥ, ଉପ ଜିଲାପାଳ ଦୟାସିନ୍ଧୁ ପରିଡା, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ସରପଞ୍ଚ ଟୁକୁନା ଦାସ, ସାମାଜିକ କର୍ମୀ ଚୋରିଆ ପ୍ରଧାନ, ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ମଧ୍ୟାହ୍ନ ଭୋଜନରେ ଅନିୟମିତତା, ତଦନ୍ତ କଲେ ବିଇଓ

କୁକୁଡାଖଣ୍ଡି,୩।୮ (ପ୍ରତାପ କୁମାର ସାହୁ):

କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମର ପୁରୁଷୋତ୍ତମ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୨ଟି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରିଥିଲେ। ନବନିଯୁକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ର, ଅତିରିକ୍ତ ଶିକ୍ଷାଧିକାରୀ ତ୍ରିନାଥ ମଲ୍ଲିକ, ସିମାଞ୍ଚଳ କାର୍ଜି, ସିଆରସି ସୁଶାନ୍ତ କୁମାର ପାତ୍ର ତଦନ୍ତରେ ଯାଇଥିବା ବେଳେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଅଭିଯୋଗ, ବିଦ୍ୟାଳୟରେ ପୋକ ଲାଗିଥିବା ଚାଉଳ ମଧ୍ୟାହ୍ନ ଭୋଜନରେ ଖାଇବାକୁ ଦିଆଯାଉଛି।

ବିଦ୍ୟାଳୟରେ ଦୀର୍ଘ ୮ ମାସରୁ ଉର୍ଦ୍ଧ୍ୱ ଧରି ସରକାର ଦେଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ପଡିରହି ପୋକ ଲାଗି ଖତଖାଉଥିଲା। ଦିନକ ପୂର୍ବରୁ ଉକ୍ତ ଚାଉଳକୁ ପ୍ରଧାନ ଶିକ୍ଷକ ଏବଂ



ଗୋଷ୍ଠୀ ଶିକ୍ଷାଧିକାରୀ ତଦନ୍ତ କରୁଛନ୍ତି।

ବିଦ୍ୟାଳୟ ପରିଚାଳନା କମିଟ ୨୦ରୁ ଉର୍ଦ୍ଧ୍ୱ ବସ୍ତା ଚାଉଳରୁ ୧୦ ବସ୍ତା ସଜାଡ଼ିବା ନିମନ୍ତେ ମିଲକୁ ଏକ ଏସଏଚଜିକୁ ଦାୟିତ୍ୱ ଦିଆଯାଇଥିଲା। ରବିବାର ଛୁଟିଦିନ ଥିବା ବେଳେ କାହା ନିର୍ଦ୍ଦେଶରେ ଏସ୍ଏଚ୍‌ଜି ବିଦ୍ୟାଳୟର ତାଲା ଖୋଲି ଚାଉଳବସ୍ତା ମିଲକୁ ନେଇଥିଲେ ବୋଲି ପ୍ରଶ୍ନ କରି ହୋହାଲ୍ଲା କରିଥିଲେ। ପରେ ମିଲର ୧୦ ବସ୍ତା ଚାଉଳ ରଖି ଅନ୍ୟବସ୍ତା ଚାଉଳକୁ ଫେରସ୍ତ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକଙ୍କ ସମେତ କିଛି ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ସହ ଏମ୍‌ଡିଏମ୍ ଯୋଗାଉଥିବା ମା' ଘଟଗାଁ ତାରିଣୀ ଏସଏଚଜିକୁ ବିଦ୍ୟାଳୟରୁ ବାହାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବିଦ୍ୟାଳୟ ସମୁଖରେ ଧାରଣା ଦେବା ନିମନ୍ତେ ଚେତାବନୀ ଦେଇଛନ୍ତି।

### ପଦୋନ୍ନତିରେ ପାତରଅନ୍ତର ଅଭିଯୋଗ

ମୋହନା, ୩।୮ (ମନ୍ମଥ ମିଶ୍ର):

ରାଜ୍ୟ ସରକାରଙ୍କ +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଟିଜିଟି ଶିକ୍ଷକମାନଙ୍କୁ ପିଜିଟି ଶିକ୍ଷକ ଭାବେ ପଦୋନ୍ନତି ଦେବା ପାଇଁ ଦାବି ହେଉଛି। ଓଡିଶା ସରକାରଙ୍କ ଆଦିବାସୀ ଜାତି ଓ ଜନଜାତି ବିଭାଗର କାର୍ଯ୍ୟରତ ଟିଜିଟି ଶିକ୍ଷକମାନେ ପଦୋନ୍ନତି ପାଇ ପିଜିଟି ଶିକ୍ଷକ ଭାବେ କାର୍ଯ୍ୟ କରିବାର ସୁଯୋଗ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଉକ୍ତ ଶିକ୍ଷକଙ୍କୁ ପଦୋନ୍ନତି ଦିଆ ନ ଯିବା ବଡ ଦୁଃଖ ଓ ପରିତାପର ବିଷୟ। ଏହା ସରକାରଙ୍କ ପାତରଅନ୍ତର ନୀତି ବୋଲି ଅଭିଯୋଗ ହୋଇଛି। ଏହି ଅସମତା ଦୂର କରିବା ପାଇଁ ସରକାରଙ୍କ ବିଭାଗୀୟ ସଚିବ, ନିର୍ଦ୍ଦେଶକ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ଫଳରେ ଉଚ୍ଚ ଯୋଗ୍ୟତାଧାରୀ ଶିକ୍ଷକମାନେ ଉପକୃତ ହେବେ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

# ଜିଲାର ବହୁ ସମସ୍ୟା ସମାଧାନ ଲାଗି ଏସ୍‌କେସିଜି କଲେଜ ଛାତ୍ରଙ୍କ ଦାବି



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଛାତ୍ରମାନେ।

ପାରଳାଖେମୁଣ୍ଡି,୩।୮ (ଗିରିଧାରୀ ପରିଛା):

ଗଜପତି ଜିଲାର ବିଭିନ୍ନ ସମସ୍ୟାଗୁଡିକର ସମାଧାନ ଲାଗି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସମୂହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୩ଦଫା ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଛାତ୍ରନେତା ବାଣିପ୍ରସାଦ ମାଳିଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଜିଲାପାଳଙ୍କ ସହ ସାକ୍ଷାତ କରି ଆଲୋଚନା କରିଥିଲେ। ଛାତ୍ର ସମୂହଙ୍କ ପ୍ରମୁଖ ଦାବି ମଧ୍ୟରେ ଗଜପତି ଜିଲା ଶିଳ୍ପ ବିହୀନ ଜିଲା ହୋଇଥିବାରୁ ବାଧ୍ୟ ହୋଇ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଯାଇ ନିର୍ଯାତିତ ହେବା, ଶିକ୍ଷା ବ୍ୟବସ୍ଥା ଦୟନୀୟ ସ୍ଥିତିରେ ରହିବା, ଭୂମିହୀନ ଆଦିବାସୀ ଦଳିତ ଓ ଗରିବ ଲୋକମାନଙ୍କୁ ଜମିପଟ୍ଟା ନ ମିଳିବା, ରୋଗୀମାନଙ୍କୁ ଚିକିତ୍ସା ନ ମିଳିବା, ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜନ୍ମମାଟିରେ ବର୍ତ୍ତମାନ ଯାଏ ମେଡିକାଲ କଲେଜ ନ ଖୋଲିବା ଆଦି ସମସ୍ୟାର ସମାଧାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହିତ ପାରଳାଖେମୁଣ୍ଡି ଠାରୁ ରାୟଗଡ ପର୍ଯ୍ୟନ୍ତ ରେଳ ଲାଇନ, ୫୦୦ସିଟ ବିଶିଷ୍ଟ ପାଠାଗାର ସ୍ଥାପନ, ସୀତା ସାଗର ଓ ରାମ ସାଗରର ସୌନ୍ଦର୍ଯ୍ୟକରଣ, ବାର୍ଦ୍ଧକ୍ୟ ଭତ୍ତା ୫୦୦ ଟଙ୍କାରୁ ୩୦୦୦ ଟଙ୍କା, ସହରର ମୁଖ୍ୟରାସ୍ତାର ପ୍ରଶସ୍ତିକରଣ ସହ ଉଭୟ ପାର୍ଶ୍ୱ ଡ୍ରେନେଜ ବ୍ୟବସ୍ଥା ଏବଂ ଆଲୋକୀକରଣ ବ୍ୟବସ୍ଥା, ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟରେ ପରିଣତ କରିବା, ଛାତ୍ରୀଛାତ୍ରମାନଙ୍କ ପାଇଁ ଆଇଏଏସ, ଓଏଏସ ଏବଂ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାମାନ ପାଇଁ କୋଚିଂ ବ୍ୟବସ୍ଥା କରିବା ଆଦି ଦାବି କରିଛନ୍ତି । ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଛାତ୍ରଗଣ ଜଣାଇଛନ୍ତି। ଯଦି ସମାସ୍ୟାର ସମାଧାନ ନହୁଏ ଆଗାମୀ ଦିନରେ ଆଇନ ଅନୁଯାୟୀ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ଅବ୍ୟବସ୍ଥା ଘେରରେ ୬୦ ବର୍ଷର ବିଦ୍ୟାଳୟ

କୋଦଳା,୩।୮ (ଅମିତ କୁମାର ପଟ୍ଟନାୟକ):

ଶିକ୍ଷାର ଉନ୍ନତି ପାଇଁ ରାଜ୍ୟ ସରକାର ୫-ଟି ଜରିଆରେ ବହୁ କାର୍ଯ୍ୟ କରୁଥିବା ବେଳେ ୬୦ ବର୍ଷ ପୁରୁଣା କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ରହିଛି। କୋଦଳା ସହରର ବହୁ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ବିଦ୍ୟାଳୟରେ ଆବଶ୍ୟକ ଅନୁଯାୟୀ ଭିତ୍ତିଭୂମି ଏବଂ ଶିକ୍ଷକ ଅଭାବ ରହିଛି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଏବଂ ରାଜନୈତିକ ଜନପ୍ରତିନିଧିମାନେ ଆଗ୍ରହ ଦେଖାଉ ନଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି।

୧୯୬୩ ମସିହାରେ ସ୍ଥାପିତ କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହିତ ୨୦୧୮ରେ କୋଦଳା ବାଳିକା ଉଚ୍ଚ ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିଲା। କିନ୍ତୁ ଏହାର ଭିତ୍ତିଭୂମିର ଉନ୍ନତି କରି



କୋଦଳା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ।

ଆବଶ୍ୟକ ଶ୍ରେଣୀଗୃହ କରାଯାଇନଥିବାରୁ ଛାତ୍ରୀଛାତ୍ର ମାନେ ବସି ପାଠ ପଢିବା ସମ୍ଭବ ହେଉନାହିଁ। ଅଧିକ ଛାତ୍ରୀଛାତ୍ର ଥିବାରୁ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଦୁଇଟି କକ୍ଷରେ ପଢ଼ାଯାଉଛି। କିନ୍ତୁ ଶ୍ରେଣୀଗୃହ ଅଭାବ ଯୋଗୁ ପାଠ ପଢାରେ ଅସୁବିଧା ହେଉଅଛି। ସେହିପରି ଖେଳପଡିଆ ନଥିବାରୁ ଛାତ୍ରୀଛାତ୍ରଙ୍କ ଶାରୀରିକ ଦକ୍ଷତା ବଢ଼ିପାରୁନି। ୫-ଟି ଜରିଆରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଦ୍ୟାଳୟରେ ଖର୍ଚ୍ଚ ହୋଇଥିଲେ ମଧ୍ୟ ନୂତନ କୋଠା କିଛି ହୋଇପାରିନାହିଁ। ବିଦ୍ୟାଳୟରେ

- ୧୭ବର୍ଷ ହେଲା ପ୍ରଧାନଶିକ୍ଷକ ନାହାନ୍ତି, ୮୭୦ ଛାତ୍ରୀଛାତ୍ରଙ୍କୁ ୧୭ ଶିକ୍ଷକ

ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୮୭୦ ଛାତ୍ରୀଛାତ୍ର ପଢୁଥିବା ବେଳେ ସେମାନଙ୍କୁ ପଢ଼ାଉଛନ୍ତି ମାତ୍ର ୧୭ଜଣ ଶିକ୍ଷକ, ଯାହାକି ସରକାରୀ ନିୟମ ଅନୁସାରେ ଏଠାରେ ୩୦ ଶିକ୍ଷକ ଆବଶ୍ୟକତା ରହିଛି। ଦୀର୍ଘ ୧୦ବର୍ଷ ହେଲା ହିନ୍ଦୀ ଶିକ୍ଷକ ନଥିବା ବେଳେ ୧୭ବର୍ଷ ହେଲା ଅର୍ଥାତ ଗତ ୨୦୦୬ରୁ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଜଣେ ଶିକ୍ଷକ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହୁଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ସେପଟେ ଶିକ୍ଷକ ଅଭାବ ବେଳେ କିଛିଦିନ ପୂର୍ବେ ଏହି ବିଦ୍ୟାଳୟରୁ ଶିକ୍ଷୟତ୍ରୀ ସରସ୍ୱତୀ ସୁବୁଦ୍ଧିଙ୍କୁ ନେଉଳି ବିଦ୍ୟାଳୟକୁ ଡେପୁଟେସନ ହେବା ସହ ଗତ ତିନିବର୍ଷ ହେଲା ଶିକ୍ଷକ କ୍ରିତି ଚରଣ ଭୋଇ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। କିନ୍ତୁ ଏମାନଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତ ଦିଆଯାଇନାହିଁ। ସେହିପରି ବିଦ୍ୟାଳୟ କିରାଣୀଙ୍କୁ ବେଗୁନିଆପଡା ବିଇଓ କାର୍ଯ୍ୟାଳୟକୁ ଡେପୁଟେସନ ହୋଇଥିବାରୁ କିରାଣୀ କାର୍ଯ୍ୟରେ ଜଣେ ଶିକ୍ଷକ ନିଯୁକ୍ତ ରହୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। ସରକାରୀ ନିୟମ ମୁତାବକ ବିଦ୍ୟାଳୟ ପାଚେରିକୁ ଲାଗି କୌଣସି ଦୋକାନ ବଜାର ରହିପାରିବ ନାହିଁ ବୋଲି ନିୟମ ଥିଲାବେଳେ ଏଠାରେ କିନ୍ତୁ ବହୁ ଦୋକାନ ରହିଛି। ବିଭିନ୍ନ ଅସାମାଜିକ ବ୍ୟକ୍ତି ବିଦ୍ୟାଳୟରେ ପ୍ରବେଶ ହେଉଥବା ସହ ଛାତ୍ରୀଛାତ୍ରମାନେ ସୁରକ୍ଷିତ ମଣୁ ନାହାନ୍ତି। ଶିକ୍ଷକ ପଦବୀ ପୂରଣ ସାଙ୍ଗକୁ ଅନ୍ୟ ସମସ୍ୟାର ତୁରନ୍ତ ସମାଧାନ କରାନଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଛାତ୍ରୀଛାତ୍ର, ଅଭିଭାବକ ଏବଂ ପରିଚାଳକ କମିଟି ଚେତାବନୀ ଦେଇଛନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର କୁମାର ପାଣ୍ଡି କହିଛନ୍ତି।

